**ଅଜଣା ମହିଳାଙ୍କ ମୃତଦେହ ଜବତ**

ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି)-ବଡ଼ଚଣା ଥାନା ଅନ୍ତର୍ଗତ ଅରଖପୁର ପଞ୍ଚାୟତର ସୁକାଦେଇପୁର ନିକଟ ଗେଙ୍ଗୁଟି ନଦୀ ପଠାରୁ ସୋମବାର ଜଣେ ଅଜଣା ମହିଳାଙ୍କ ମୃତଦେହକୁ ବଡ଼ଚଣା ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ମହିଳାଙ୍କ ପରିଚୟ ମିଳି ନାହିଁ। କେହି ସମ୍ପୃକ୍ତ ମହିଳାଙ୍କୁ ହତ୍ୟା କରି ସେଠାରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି । ଅନ୍ୟପକ୍ଷେ ସମ୍ପୃକ୍ତ ମହିଳା ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ।

# ପ୍ରଧାନମନ୍ତ୍ରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସଭା ସ୍ଥଳରେ ପୋଲିସ ମୁତୟନ କରାଯାଇଛି ।



ସୁସଜ୍ଜିତ ସଭା ମଞ୍ଚ ।

**ଚଣ୍ଡିଖୋଲ/ବଡ଼ଚଣା,୪।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଅପରାହ୍ନରେ ଯାଜପୁର ଜିଲା ଚଣ୍ଡିଖୋଲ ଆସିବେ। ଚଣ୍ଡିଖୋଲ ନିକଟସ୍ଥ ବେଣାପୁର ପଡ଼ିଆରେ ସେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କେତେକ ପ୍ରକଳ୍ପର ଲୋକାର୍ପଣ କରିବେ। ଏଥିପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରଯାଇଛି। ସୋମବାର ଡିଜିପି ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ସୋମବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ତଥା ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ପୋଲିସ ଅଧିକାରୀମାନଙ୍କୁ ସୁରକ୍ଷା ସମ୍ପର୍କିତ ନିୟମାବଳୀ ବୁଝାଇ ଥିଲେ। ସେଥିପାଇଁ ୩୨୦୦ ରୁ ଅଧିକ ପୋଲିସ ନିୟୋଜିତ ହୋଇଛନ୍ତି। ଆଜି କେନ୍ଦ୍ରାଞ୍ଚଳ ଡିଆଇଜି ସିଂହ ସୂଚନା ଦେଇଛନ୍ତି, ୫ଟି ବୋମା ବିସ୍ଫୋରକ ନିୟନ୍ତ୍ରଣ ଟିମ ନିୟୋଜିତ ହୋଇଛନ୍ତି। ୫ ଜଣ ଏସ୍‌ପି, ଓ ୫ ଜଣ କମାଣ୍ଡଣ୍ଟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ୟାରିକେଡ଼ ରିହଲସଲ ସରିଯାଇଛି। ସମଗ୍ର ଏରିଆକୁ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଇଛି। ହେଲିପ୍ୟାଡ ସ୍ଥଳ, ଶିଳାନ୍ୟାସ ଉତ୍ସବ ଓ ସାଧାରଣ ସଭା ସ୍ଥଳ ପ୍ରମୁଖ ୩ ଟି ସ୍ଥାନରେ ବିଭକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ପ୍ରଥମେ ହେଲିକପ୍ଟରରେ ଆସି ଓହ୍ଲାଇବା ପରେ ଏକ ଖୋଲା ଗାଡ଼ିରେ ସଭାସ୍ଥଳ ଚାରିପଟ ବୁଲିବେ। ଏହା ପରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ପରେ ସେହି ଗାଡ଼ିରେ ସଭାସ୍ଥଳକୁ ଆସିବେ। ସେଥିପାଇଁ ଉକ୍ତ ଗାଡ଼ି ଉତ୍ତର ପ୍ରଦେଶରୁ ଆସିଛି।

## ଭାରତର ପ୍ରଥମ ଫାଟକ ବିହୀନ ରେଳପଥ

### ହରିଦାସପୁର - ପାରାଦୀପରେ ଗଡିବ ପାସେଞ୍ଜର ଟ୍ରେନ

**ଚଣ୍ଡିଖୋଲ,୪।୩(ପ୍ରଦୀପ୍ତ କୁମାର ପୃଷ୍ଟି)**

ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିବ। ପ୍ରଥମ କରି ହରିଦାସ ପୁର-ପାରାଦୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏହାର ଶୁଭାରମ୍ଭ କରିବେ। ଏହି ରେଳପଥରେ ୨୦୨୦ଜୁନ ୩୦ରେ ପ୍ରଥମ ମାଲ ବୋଝେଇ ଟ୍ରେନ ଚଳାଚଳ ଆରମ୍ଭ କରିଥିଲା। କେବେ ଯାତ୍ରୀବାହୀ ରେଳ ଚଳାଚଳ କରିବ ସେଥିନେଇ ବାରମ୍ବାର ଦାବି ହୋଇ ଆସୁଥିଲା। ଦୀର୍ଘ ୩ ବର୍ଷ ୮ ମାସ ପରେ ଏହି ରେଳ ଧାରଣାରେ ପାସେଞ୍ଜର ଟ୍ରେନ ଚାଲିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ରେଳ ବିକାଶ ନିଗମ ଲିମିଟେଡ ଦ୍ୱାରା ଭାରତ ବର୍ଷର ଏହା ଏକମାତ୍ର ଫାଟକ ବିହୀନ ରେଳପଥ ବୋଲି ଘୋଷଣା କରାଯାଇଥିଲା।

## ଆନ୍ଦୋଳନରେ ସାମିଲ ହେଲେ ବିସ୍ଥାପନ ବିରୋଧୀ ଜନମଞ୍ଚ

**କଳିଙ୍ଗନଗର,୪।୩(ଶୁଭାଶିଷ ରାଉତ )**

ନୀଳାଚଳ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ କାରଖାନା ସମ୍ମୁଖରେ ଚାଲିଥିବା ଆନ୍ଦୋଳନରେ ସୋମବାରଠାରୁ ବିସ୍ଥାପନ ବିରୋଧୀ ଜନମଞ୍ଚ, ସୁକିନ୍ଦା ସାମିଲ ହୋଇଛି। ଅପରାହ୍ନରେ ସୁକିନ୍ଦାର ଏକାଧିକ ସଙ୍ଗଠନ ସହିତ ଜନମଞ୍ଚ ସଦସ୍ୟ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଏହି ଅବସରରେ କାରଖାନା ସମ୍ମୁଖ ରାସ୍ତାରେ ଆୟୋଜିତ ବୈଠକରେ ଭୂମି ମୁକ୍ତି ସଂଗଠନ, ସୁକିନ୍ଦାର ଉପଦେଷ୍ଟା ଆବାହକ କ୍ଷୀରୋଦ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜନମଞ୍ଚ ସଭାପତି ରବିନ୍ଦ୍ର କାରିକା, ଉପ ସଭାପତି ସନିଆ ତିରିଆ, ବରିଷ୍ଠ ସଭ୍ୟ ନଟି ଆଙ୍ଗରାଇ, ମହିରାମ ପୂର୍ତ୍ତି, ହିନ୍ଦୁରାମ ଜାମୁଦା, ସିନି ସଏ, ସ୍ୱର୍ଣ୍ଣଲତା ବାନରା, ୨୯ ମୌଜା ଭୂମି ମୁକ୍ତି ସଂଗଠନର ଆବାହକ ବିଶ୍ୱ ରଞ୍ଜନ ସ୍ୱାଇଁ, ଆଦିବାସୀ ନେତା ଚକ୍ରଧର ଆଲଡା, ହରିଶ ହାଇବୃ.କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟର ସଭାପତି ସୁଧାଂଶୁ ସାହୁ ପ୍ରମୁଖ ସାମିଲ ହୋଇ ବାସଚ୍ୟୁତଙ୍କ ପରଲୋକ ପରେ ଉତ୍ତରାଧିକାରୀଙ୍କୁ କାରଖାନାରେ ନିଯୁକ୍ତି ନ ଦେଲେ କାରଖାନାକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ । ଅନ୍ୟପକ୍ଷେ ଟାଟା କାରଖାନାଠାରୁ ସଂସାଇଲୋ ପର୍ଯ୍ୟନ୍ତ ଭୂତଳ ରେଳ ପ୍ରକଳ୍ପକୁ ବନ୍ଦ କରିବା ଓ ନୀଳାଚଳ ବାସଚ୍ୟୁତଙ୍କ ଦାବି ଅବିଳମ୍ବେ ପୂରଣ କରିବା ଆଦି ଦାବି ପୂରଣ ନ ହେଲେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରେ ସାମିଲ ଆଦିବାସୀ ନେତାମାନେ ଚେତାବନୀ ଦେଇଥିଲେ ।



ନୀଳାଚଳ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ କାରଖାନା ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ।

## ଡାକ୍ତରଖାନାରେ ଆଖିବୁଜିଲେ ବୃଦ୍ଧ

### ଦହିବରା ଖାଇ ଅସୁସ୍ଥ ହେବା ଘଟଣା

**ଭଣ୍ଡାରିପୋଖରୀ, ୪।୩ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ପଞ୍ଚାୟତ ଶଠଗାଁରେ ସାଦଖିଆ ଭୋଜିରେ ଆସିଥିବା ଦହିବରା ଖାଇ ୨୪ଜଣ ଅସୁସ୍ଥ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଗ୍ରାମର ଶଶିଭୂଷଣ ବେହେରା(୬୮)ଙ୍କ ମୃତ୍ୟୁ ଘଟିଛି। ସେହି ବିଷାକ୍ତ ଖାଦ୍ୟ ଖାଇ ଶଶିଭୂଷଣଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ସାଦ ଭାର ଆସିଥିଲା। ସେହି ଖାଦ୍ୟ ଗାଁ ସାହି ପଡ଼ୋଶୀଙ୍କୁ ବଣ୍ଟା ଯାଇଥିବା ବେଳେ କେତେଜଣଙ୍କୁ ଡାକି ଖାଇବାକୁ ମଧ୍ୟ ଦିଆଯାଇଥିଲା। ଖାଇବାର କିଛି ସମୟ ପରେ କେତେଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଯାଜପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଶଶୀଭୂଷଣଙ୍କର ସୋମବାର ମୁଣ୍ଡ ବୁଲାଇଥିଲା। ତାଙ୍କର ପରୀକ୍ଷା କରାଯିବାରୁ ଉଚ୍ଚ ରକ୍ତଚାପ ଓ ମଧୁମେହ ଥିବା ଜଣାପଡ଼ିଥିଲା। ଡାକ୍ତର ତାଙ୍କୁ ଇଞ୍ଜେକ୍‌ସନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ମୃତଦେହ ଗ୍ରାମକୁ ନେଇ ଆସିଥିଲେ। ଏହି ଘଟଣା ପରେ ଗ୍ରାମରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜ କୁମାର ରାଉଳ ଶଠଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବୁଝାଶୁଝା କରିଥିଲେ।

## ସଡ଼କ ଦୁର୍ଘଟଣାରେ ଫୁଟବଲ ଖେଳାଳି ମୃତ

**ରଗଡି,୪।୩(ଯତିଶ କୁମାର ମଲିକ)**

କୋରେଇ ବ୍ଲକ ଲକ୍ଷ୍ମୀନଗର ଛକ ରାସ୍ତାରେ ରବିବାର ରାତି ୯ ଟା ୩୦ ମିନିଟ ସମୟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅସନ ଗଡ଼ିଆ ଗ୍ରାମର ରାହାସ ବିହାରୀ ଖଟୁଆ । କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ସେ ରାସ୍ତା ଉପରେ ପଛପାଖକୁ ମାଡି ପଡିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଆମ୍ବୁଲାନ୍ସରେ ଯାଜପୁର ରୋଡ ଡାକ୍ତରଖାନାକୁ ପଠାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଦାନଗଦି ସିଏଚ୍‌ସିକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସେ ଜଣେ ଦକ୍ଷ ଫୁଟବଲ ଖେଳାଳି ଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାମାଲି



@ ନାରାୟଣ



@ ରାଜକୁମାର



@ ଶୁଭାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହାଇୱା ପଛରେ ପିଟି ହେଲା ଟ୍ରକ୍, ଚାଳକ ଗୁରୁତର

**ପାଣିକୋଇଲି,୪।୩(ବିକାଶ କୁମାର ମଲିକ)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର ଟ୍ରମାକେୟାର ସମ୍ମୁଖସ୍ଥ ଡାଇଭରଶନରେ ସୋମବାର ଭୋରୁ ଏକ ହାଇୱା ପଛରେ ଟ୍ରକ ଧକ୍କା ହେବା ଫଳରେ ଚାଳକ ଗୁରୁତର ହୋଇଛନ୍ତି । ସେ ଟ୍ରକ ମଧ୍ୟରେ ଫସି ରହିଥିଲେ। ତାଙ୍କୁ ବହୁ କଷ୍ଟରେ ତାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସୋବାର ଭୋରୁ ୧୬ନଂ. ଜାତୀୟ ରାଜପଥରେ ପାଣିକୋଇଲି ପଟୁ ଚଢ଼େଇଧରାରୁ ବୈତରଣୀରୋଡ ଅଭିମୁଖେ ଯାଉଥିବା ଏକ ଟିପସ୍ ବୋଝେଇ ହାଇୱା (ନଂ.ଓଆର ୦୪ ଏମ ୫୭୯୯) ଡାଇଭରଶନରେ ହଠାତ ବ୍ରେକ ମାରିବାରୁ ପଛରେ ଆସୁଥିବା ଏକ ଟ୍ରକ (ନଂ.ଟିଏନ୫୨ଇ ୦୯୨୦) ହାଇୱା ପଛକୁ ଧକ୍କା ହୋଇଥିଲା। ଫଳରେ ଟ୍ରକର ଚାଳକ ଷ୍ଟେରିଙ୍ଗରେ ଚାପି ହୋଇ ରହିଯାଇଥିଲେ । ତାଙ୍କୁ ଉଦ୍ଧାର କରିବାକୁ ବହୁତ ଚେଷ୍ଟା କରାଯାଇଥିଲା । ଶେଷରେ ଅଗ୍ନୀଶମ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନୀଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ପୋଲିସ ବାହିନୀ ବହୁ କଷ୍ଟରେ ଚାଳକ ଏ. ଗୋପାଳଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଉଭୟ ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି।



## ରେଳ ପ୍ରକଳ୍ପ ମଞ୍ଜୁରୀ ଦାବି ଜୋର ଧରିଲା

### ପ୍ରଧାନମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ

**ପାଣିକୋଇଲି,୪।୩(ବିକାଶ କୁମାର ମଲିକ)**

ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ତାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ ପାଇଁ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ସଂଗ୍ରାମ ସମିତି ପକ୍ଷରୁ ପ୍ରସ୍ତୁତ ସ୍ମାରକପତ୍ରର ଆଗୁଆ କପି ସୋମବାର ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଇ-ମେଲ ଜରିଆରେ ପଠାଯାଇଛି।

୨୦୧୨-୧୩ ରେଳ ବଜେଟ୍‌ର ଅନୁମୋଦନ କ୍ରମେ କରାଯାଇଥିବା ପ୍ରାଥମିକ ସର୍ଭେରେ ୯୫.୯୫ କି.ମି,ଦୈର୍ଘ ବିଶିଷ୍ଟ ଯାଜପୁରରୋଡ୍-ଧାମରା ରେଳପଥ ନିର୍ମାଣ କରାଗଲେ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ହେବ ଓ ଏଥିରୁ ରେଳବାଇକୁ ୨୭.୪୩ ଶତାଂଶ ଲାଭ ମିଳିବ ବୋଲି ଉଲ୍ଲେଖ କରାଯାଇଥିଲା। ୨୦୧୫ରୁ ଏହି ସର୍ଭେ ରିପୋର୍ଟ ମଞ୍ଜୁରୀ ଅପେକ୍ଷାରେ ପଡିରହିଥିଲା। ୨୦୨୩ ଅଗଷ୍ଟ ୪ ତାରିଖରେ ଦିଲ୍ଲୀ ବିକ୍ଷୋଭ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ପରେ ରେଳବାଇ ବୋର୍ଡ଼ ପକ୍ଷରୁ ପ୍ରକଳ୍ପର ଚୂଡ଼ାନ୍ତ ସର୍ଭେ ପାଇଁ ମଞ୍ଜୁରୀ ମିଳିଥିଲା। ସମୟ ଅତିକ୍ରାନ୍ତ ହେବା ସତ୍ତ୍ୱେ ସର୍ଭେ ରିପୋର୍ଟ ଓ ଡି.ପି.ଆର ଉପସ୍ଥାପନ ହୋଇନାହିଁ। ଏହି ପୃଷ୍ଠଭୂମିରେ ଜରୁରୀ ପଦକ୍ଷେପ ଜରିଆରେ ପ୍ରକଳ୍ପକୁ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଅର୍ଥାତ୍ ଆଦର୍ଶ ଆଚରଣବିଧି ଲାଗୁ ହେବା ପୂର୍ବରୁ ମଞ୍ଜୁରୀ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ହସ୍ତକ୍ଷେପ କରିବା ନିମନ୍ତେ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି।

ଏହି ନୂତନ ରେଳପଥ ନିର୍ମାଣ ହେଲେ ଓଡ଼ିଶାର ପ୍ରାଚୀନତମ ରାଜଧାନୀ, ଯାଜପୁର ଜିଲାର ସଦର ମହକୁମା ତଥା ପର୍ଯ୍ୟଟନ ସ୍ଥଳୀ ଓ ତୀର୍ଥସ୍ଥାନ ଯାଜପୁର ସହ ରେଳସଂଯୋଗ ପ୍ରତିଷ୍ଠା ହୋଇପାରିବ। ବ୍ୟାସ ସରୋବର, ବିରଜାକ୍ଷେତ୍ର, ଆଖଣ୍ଡଳମଣିଙ୍କ ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତର କନିକାର କୁମ୍ଭୀର ଅଭୟାରଣ୍ୟକୁ କେନ୍ଦ୍ରକରି ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ଯାଜପୁର, କେନ୍ଦୁଝର ଓ ଅନୁଗୋଳ ଜିଲାର କ୍ରୋମାଇଟ୍, ନିକେଲ, ଲୁହାପଥର, ମାଙ୍ଗାନିଜ ପଥର ଏବଂ କୋଇଲା ଆଦି ଖଣିଜ ସମ୍ପଦର ସରବରାହ ଧାମରା ବନ୍ଦରକୁ ତ୍ୱରାନ୍ୱିତ ହୋଇପାରିବ। ସେହିପରି କଳିଙ୍ଗନଗର ଓ ନାଲ୍‌କୋ ଶିଳ୍ପାଞ୍ଚଳର ଶିଳ୍ପଜାତ ଦ୍ରବ୍ୟର ପରିବହନ ମଧ୍ୟ ସହଜ ହୋଇପାରିବ। ଏହି ରେଳପଥ ଦ୍ୱାରା ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ନଦୀର ଅବବାହିକାରେ କୃଷିଜୀବୀ ଓ ମତ୍ସ୍ୟଜୀବୀମାନେ ଉପକୃତ ହେବେ। ସାମଗ୍ରିକ ଭାବେ ଏହି ନୂତନ ପ୍ରକଳ୍ପ ଓଡ଼ିଶାର ଏବଂ ବିଶେଷ କରି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ୫୦ଲକ୍ଷ ଲୋକଙ୍କୁ ଉପକୃତ କରିବ ବୋଲି ସ୍ମାରକପତ୍ରରେ ସୂଚାଇ ଦିଆଯାଇଥିବା ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ପାନଦୋକାନକୁ ଧକ୍କା ଦେଲା କାର୍, ଜଣେ ଆହତ

**ଯାଜପୁର ସଦର,୪।୩(ସମର ବିଜୟ ଶରଣ)**

ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ – ବରୁଆଁ ରାସ୍ତାରେ ମହେଶ୍ୱରପୁର ମଟନ ଛକ ନିକଟରେ ଏକ କାର(ନଂ. ଓଡ଼ି ୦୫ ପି ୯୩୩୯) ଗୋଟିଏ ପାନ ଦୋକାନର ସମ୍ମୁଖ ଭାଗକୁ ଧକ୍କାଦେବା ଫଳରେ ଜଗଦୀଶ ପୁର ଗ୍ରାମର ଲକ୍ଷ୍ମଣ ବେହେରା (୬୫) ଗୁରୁତର ହୋଇଛନ୍ତି । ଆହତ ଲକ୍ଷ୍ମଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ବଡ଼ଡ଼ାକ୍ତରଖାନାକୁସ୍ଥାନାନ୍ତର କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଲାଇନ୍ ମ୍ୟାନ୍ ଗୁରୁତର

**ଝୁମ୍ପୁରୀ,୪।୩(ସରୋଜ ନାୟକ)**

ଟିପିଏନ୍‌ଓଡିଏଲ୍‌ରେ ଲାଇନ୍ ମ୍ୟାନ୍‌ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ସୋମବାର ବିଦ୍ୟୁତ୍ ଆଘାତରେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସେ ହେଲେ ଦଶରଥପୁର ବ୍ଲକ୍ କାଟିଆ ଅଞ୍ଚଳର ସେକ୍ ରୋଶନ(୨୮)। ସେ ଲାଇନ୍‌ମ୍ୟାନ୍ ଭାବେ ଟାଟା ପାୱାରରେ କାର୍ଯ୍ୟ କରୁଥିଲେ । ରୋଶନ ଓ ଅନ୍ୟ କର୍ମଚାରୀମାନେ ଜୟନ୍ତରା ଅଞ୍ଚଳରେ ଏକ ଟ୍ରାନ୍ସଫରମରକୁ ମରାମତି କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ରୋଶନଙ୍କ ଶରୀରର ପ୍ରାୟ ୭୦ ଭାଗ ବିଦ୍ୟୁତ୍ ଆଘାତରେ ପୋଡ଼ିଯାଇଛି । ପ୍ରଥମେ ତାଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ପରେ ତାଙ୍କୁ ଯାଜପୁର ସଦରମହକୁମା ଚିକିତ୍ସାଳୟକୁ ପଠାଯାଇଥିଲା । ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠା ଯାଇଛି । ଏହାକୁ ନେଇ କାଟିଆ ଗ୍ରାମବାସୀ କାଟିଆ ଛକଠାରେ ଯାଜପୁର-କୟାଁଗୋଲା ୨୦ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଦଶରଥପୁର ଥାନା ଓ ମଙ୍ଗଳପୁର ଥାନା ଅଧିକାରୀଙ୍କ ସହ ଦଶରଥପୁର ତହସିଲଦାର ବିକ୍ରମ କେଶରୀ ପରିଡ଼ା ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହିତ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ରୋଶନଙ୍କ ଚିକିତ୍ସା ବ୍ୟବସ୍ଥା ସହିତ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି ।

## ସବୁଜ ହାଇଡ୍ରୋଜେନ ବ୍ୟବହାର କଲା ଜିନ୍ଦଲ ଷ୍ଟେନ୍‌ଲେସ

### ଭାରତରେ ପ୍ରଥମ

**କଳିଙ୍ଗନଗର,୪।୩(ଶୁଭାଶିଷ ରାଉତ )**

ଜିନ୍ଦଲ ଷ୍ଟେନ୍‌ଲେସ (ଜେଏସ୍‌ଏଲ) ସୋମବାର ହରିୟାଣାର ହିସାରରେ ଥିବା ଷ୍ଟେନ୍‌ଲେସ ଷ୍ଟିଲ ପ୍ଲାଣ୍ଟରେ ସବୁଜ ହାଇଡ୍ରୋଜେନର ପ୍ରଥମ ବ୍ୟବହାର ଆରମ୍ଭ କରିଛି । ସ୍ଥିରତା ପ୍ରତି ପ୍ରତିବଦ୍ଧତା ଏବଂ ନେଟ ଜିରୋ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଭାରତର ଲକ୍ଷ୍ୟ ଅନୁଯାୟୀ ଉଦ୍ୟମ ଆରମ୍ଭ କରିଛି । ନିରନ୍ତର ବିକାଶ ଦିଗରେ କମ୍ପାନୀର ପ୍ରତିବଦ୍ଧତା ଏବଂ ଭାରତର ନେଟ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ଏହା ସହାୟକ ହେବ। ଇସ୍ପାତ୍ ମନ୍ତ୍ରଣାଳୟର ଶାସନ ସଚିବ ନାଗେନ୍ଦ୍ର ନାଥ ସିହ୍ନା, ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଓ ହାଇଜେନକୋ ଗ୍ରୀନ ଏନର୍ଜି (ବୈଷୟିକ ସହଭାଗୀ)ର ସିଇଓ ଅମିତ ବଂଶଲଙ୍କ ଉପସ୍ଥିତିରେ ଇସ୍ପାତ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନୂଆଦିଲ୍ଲୀରୁ ଭର୍ଚୁଆଲ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପଦକ୍ଷେପକୁ ପ୍ରଶଂସା କରି କେନ୍ଦ୍ର ଇସ୍ପାତ୍ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସିନ୍ଧିଆ କହିଛନ୍ତି, ଷ୍ଟେନଲେସ ଷ୍ଟିଲ କ୍ଷେତ୍ରରେ ଭାରତର ପ୍ରଥମ ସବୁଜ ହାଇଡ୍ରୋଜେନ କାରଖାନା ଆରମ୍ଭ କରିଥିବାରୁ ମୁଁ ଉଭୟ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ ଏବଂ ହାଇଜେନକୋକୁ ଅଭିନନ୍ଦନ ଜଣାଉଛି । ଏହି ସବୁଜ ହାଇଡ୍ରୋଜେନ ପଦକ୍ଷେପ ଇସ୍ପାତ୍ କ୍ଷେତ୍ରକୁ ଅଧିକ ସବୁଜ ଏବଂ ସ୍ଥାୟୀ କରିବ । ୨୦୭୦ ସୁଦ୍ଧା ନେଟ ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁରଦୃଷ୍ଟି ଅନୁଯାୟୀ ଇସ୍ପାତ କ୍ଷେତ୍ର ଏକ ସବୁଜ ଭବିଷ୍ୟତ ପାଇଁ ନବୋନ୍ମେଷ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି ।

ଏହି ପ୍ରକଳ୍ପକୁ ନେଇ ଆଶାବାଦୀ ଥିବା ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସଷ୍ଟେନେବିଲିଟି ପାଇଁ ଆମର ପ୍ରତିବଦ୍ଧତା ଏହି ପାଇଲଟ ପ୍ରୋଜେକ୍ଟରୁ ଊର୍ଦ୍ଧ୍ୱରେ। ଏହା କେବଳ ଆରମ୍ଭ ମାତ୍ର; ଷ୍ଟେନ୍‌ଲେସ ଷ୍ଟିଲ ଉତ୍ପାଦନର ଅନ୍ୟାନ୍ୟ ପ୍ରକ୍ରିୟାରେ ସଫଳ ପ୍ରୟୋଗକୁ ଦୃଷ୍ଟିରେ ରଖି ଆମେ ଏହାକୁ ବଢ଼ାଇବୁ। ଆମେ ଅନୁଭବ କରୁ ଯେ ସଷ୍ଟେନେବିଲିଟି କେବଳ ଏକ ଲକ୍ଷ୍ୟ ନୁହେଁ, ବରଂ ଏକ ଯାତ୍ରା, ଯାହା ନିରନ୍ତର ପ୍ରୟାସ ଏବଂ ନୂତନତ୍ୱ ଆବଶ୍ୟକ କରେ।





ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସ୍ୱାଗତ କରୁଛନ୍ତି ।

**ଏଣ୍ଡୁଲାପୁର ପୋଖରୀରେ ମାଛ ମରି ଭାସୁଛି**

ରାଜନଗର,(ଭାସ୍କର ରାଉତରାୟ) : ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗାଁରେ ଥିବା ପଞ୍ଚାୟତ ପୋଖରୀରେ ସୋମବାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ପୋଖରୀରେ ମରି ଭାସିବା ଘଟଣା ଆଲୋଡନ ସୃଷ୍ଟି କରିଛି। କେହି ପୋଖରୀରେ ବିଷ ପକାଇ ଦେବାରୁ ମାଛ ମରି ଯାଇଥିବା କୁହାଯାଉଛି। ଏହି ପୋଖରୀ ନିଲାମକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା।

## ମହିଳା ଭାଜପା ପକ୍ଷରୁ ନାରୀଶକ୍ତି ବନ୍ଦନ ଯାତ୍ରା

ରାଜନଗର, ୪।୩(ଭାସ୍କର ରାଉତରାୟ)

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜନଗରଠାରେ ନାରୀଶକ୍ତି ବନ୍ଦନ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଦଧିବାମନଜୀଉ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ରାଜନଗର ବଜାର ପରିକ୍ରମା କରି ତ୍ରିନାଥ ବଜାର ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରା ସମୟରେ ଫିର ଏକବାର ମୋଦି ସରକାର, ଓଡ଼ିଶା ସରକାର ବଦଳିବା ଦରକାର ଆଦି ନାରା ଦେଇଥିଲେ। ନାରୀଶକ୍ତି ବନ୍ଦନ ଯାତ୍ରାର ଜିଲା ସଂଯୋଜକ ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ରବୀନ୍ଦ୍ର କୁମାର ବିଶ୍ୱାଳ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ପ୍ରିୟଙ୍କା ଶତପଥୀ, ଜିଲା ସଂଯୋଜିକା ସସ୍ମିତା ପାତ୍ର, ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ସଦାଶିବ ଜେନା, ଜୋନ ସଭାପତି ଅକ୍ଷୟ କୁମାର ସେଠୀ, ପ୍ରମୋଦ କୁମାର ଦାସ, ଜିଲା ସୋସିଆଲ ସେଲ ମିଡିଆ ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ଯୁବମୋର୍ଚ୍ଚା ସଭାପତି ରାଜୀବ କୁମାର ମାହୁନ୍ତ ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦ୍ରାପଡ଼ାରେ ଗଡ଼ିବ ପ୍ରଥମ ଯାତ୍ରୀବାହୀ ରେଳ

■ମେମୁ ଟ୍ରେନ୍‌କୁ ସ୍ୱାଗତ ଅପେକ୍ଷାରେ ଜିଲାବାସୀ

■ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଉନ୍ନତୀକରଣ ପାଇଁ ଆଶାବାଦୀ




କେନ୍ଦ୍ରାପଡ଼ା,୪।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ପାଇଁ ଯାତ୍ରୀବାହୀ ରେଳ ମଙ୍ଗଳବାର ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ରେଳକୁ ସବୁଜ ପତାକା ଦେଖାଇବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଯାଜପୁର ଜିଲା ଗସ୍ତ ସୂଚୀରେ ଏହି କାର୍ଯ୍ୟକ୍ରମ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ପଡିଛି। ଦୀର୍ଘ ୨୬ ବର୍ଷର ସ୍ୱପ୍ନ ପୂରଣ ହେଉଥିବାରୁ ଜିଲାବାସୀଙ୍କ ମନରେ ଅପୁରନ୍ତ ଉତ୍ସାହ ଦେଖିବାକୁ ମିଳିଛି। ଆର୍ଥିକ ପ୍ରଗତି ସହ ଜୀବନ ବିକାଶର ମାର୍ଗ ଖୋଲିବ ବୋଲି ସ୍ଥାନୀୟ ଜିଲାବାସୀଙ୍କ ମତ ରଖିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ମାର୍ଚ୍ଚ ୫ ଏକ ଐତିହାସିକ ଦିନ ହୋଇ ରହିବ। ଏହି ଜିଲାରେ ଯାତ୍ରୀବାହୀ ରେଳ ଗଡ଼ିବା ଏକ ସ୍ୱପ୍ନ ଥିଲା। ୧୯୯୮ ଡିସେମ୍ବରରେ ରେଳପଥ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଅଦ୍ୟାବଧି ଏହା ସାକାର ହୋଇ ନ ଥିଲା। ଜିଲାର ଆର୍ଥିକ ବିକାଶ ପାଇଁ ଆଗାମୀ ଦିନରେ ରେଳ ଏକ ମାଧ୍ୟମ ହୋଇପାରିବ। ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା)ର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ସାଢ଼େ ୩ ବର୍ଷ ହେବ ଏହି ରେଳପଥରେ ମାଲବାହୀ ରେଳ ପ୍ରତ୍ୟହ ୨୫ରୁ ଊର୍ଦ୍ଧ୍ୱ ଥର ଯାତାୟାତ କରୁଛି। ତେବେ ଏହି ପଣ୍ୟ ସାମଗ୍ରୀ ବ୍ୟବହାର କରି କ୍ଷୁଦ୍ରଠାରୁ ବୃହତ୍ ଶିଳ୍ପ ଜିଲାରେ ପ୍ରତିଷ୍ଠା ହୋଇପାରିଲା ନାହିଁ। ଯାତ୍ରୀବାହୀ ରେଳ ଚଳାଚଳ ହେଉ ନ ଥିବାରୁ ଶିଳ୍ପୋଦ୍ୟୋଗୀମାନେ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏବେ ଯାତ୍ରୀବାହୀ ରେଳ ଚଳାଚଳ ଯୁବ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ବରଦାନ ହେବ। ସାମଗ୍ରୀ ପରିବହନ ବ୍ୟବସ୍ଥା ସହ ବିତରଣର ସୁବିଧା ହେବ। କୃଷକ ନେତା ବିଧୂ ଭୂଷଣ ମହାନ୍ତି ଜିଲାରେ ରେଳ ଚଳାଚଳକୁ ସ୍ୱାଗତ କରିଛନ୍ତି। ଏଥିସହ ରେଳପଥ ପାଇଁ ଅଧିଗ୍ରହଣ ହୋଇଥିବା ଚାଷୀଙ୍କ ଦୁଃଖ ସେ ବଖାଣିଛନ୍ତି। ସେ କହିଛନ୍ତି, ହରିଦାସପୁର-ପାରାଦୀପ ୮୨ କିମି ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାର ୩୯ କି.ମି.ରେ ରେଳପଥ ଅଛି। ଏଥିପାଇଁ ଡେରାବିଶ, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୪୭ଟି ଗ୍ରାମର ୮୨୭.୬୨୦ ଏକର ଜମି ଅଧିଗ୍ରହଣ ହୋଇଛି। ଫାଟକବିହୀନ ପାଇଁ ଭୂମିସ୍ତରଠାରୁ ପ୍ରାୟ ୧୫ ଫୁଟ ଉଚ୍ଚ ରେଳପଥ ନିର୍ମାଣ ହୋଇଛି। ମାତ୍ର ନିୟମିତ ସାଇଫନ ନ ଥିବାରୁ ଚାଷୀଙ୍କ ଜଳ ନିଷ୍କାସନ ଓ ସେଚନ ଏକ ସମସ୍ୟା ହୋଇଛି।


ବିଧୂଭୂଷଣ ମହାପାତ୍ର।


କ୍ଷିତିଶ କୁମାର ସିଂ।


ଲକ୍ଷ୍ମୀକାନ୍ତ ସ୍ୱାଇଁ।


ପ୍ରଶାନ୍ତ କୁମାର ନାୟକ।


ପ୍ରତାପ କୁମାର ମହାନ୍ତି।

ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଉପଯୁକ୍ତ ସମୟରେ ରେଳପଥ ନିର୍ମାଣ ନ ହେବା କାରଣରୁ ଏହି ଜିଲାରେ ହେବାକୁ ଥିବା ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ହୋଇପାରିଲା ନାହିଁ। ସେହିପରି କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ଏବେ ବି ସ୍ୱପ୍ନ ହୋଇଛି। ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହେବ। ତେବେ ଏହା ପାରାଦୀପଠାରୁ କେନ୍ଦୁଝର ମଧ୍ୟରେ ସୀମିତ। ଏହି ରେଳପଥରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର, କୋଲକାତା, କେରଳ, ସୁରଟ ଓ ଦିଲ୍ଲୀ ଯାତ୍ରା ପାଇଁ ନୂତନ ରେଳ ଚାଲିବା ଆବଶ୍ୟକ। ଶିକ୍ଷାବିତ୍ ଅଧ୍ୟାପକ କ୍ଷିତୀଶ କୁମାର ସିଂ କହିଛନ୍ତି, ବହୁଦିନର ସ୍ୱପ୍ନ ଯାତ୍ରୀବାହୀ ରେଳ ଚଳାଚଳ ପରେ ପୂରଣ ହେଉଛି। କେନ୍ଦ୍ରାପଡ଼ା ଜିଲାର ଦ୍ରୁତ ଆର୍ଥିକ ବିକାଶ ପାଇଁ ଏହା ବେଶୀ ସହଯୋଗ ଦେଇପାରିବ ନାହିଁ। ଜିଲାରେ ଧାର୍ମିକ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଅଛି। ଶ୍ରୀବଳଦେବଜୀଉ, ଶ୍ରୀଲଛମନଜୀଉଠାରୁ ଆରମ୍ଭ କରି କେରଡାଗଡ଼ର ଶ୍ରୀଜଗନ୍ନାଥ ମନ୍ଦିର, ସାତଭାୟାର କେବଳ ମହିଳାଙ୍କ ଦ୍ୱାରା ପୂଜିତ ମା' ପଞ୍ଚୁବରାହୀ ପୀଠ, ଆଳିର ଲକ୍ଷ୍ମୀବରାହ ମନ୍ଦିର, ହୁକିଟୋଲା ଆଦିର ଉନ୍ନତୀକରଣ କରିବାକୁ ପଡ଼ିବ। ସେହିପରି ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତାକୁ ଆହୁରି ଶୃଙ୍ଖଳିତ କରିବା ସହ ବିକଶିତ କରିବାକୁ ପଡିବ। କେନ୍ଦ୍ରାପଡ଼ାରୁ ଭାୟା ଭିତରକନିକା ମଧ୍ୟ ଦେଇ ଧାମରାକୁ ରେଳପଥ ଛୁଇଁଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଯିବ ବୋଲି ସେ ମତ ଦେଇଛନ୍ତି।

## ଅଣଓଡ଼ିଆ ୨ ଶ୍ରମିକଙ୍କ ମୃତଦେହ ଜବତ

**ବ୍ରାହ୍ମଣୀରେ ଗାଧୋଇବାବେଳେ ୨ ନିଖୋଜ ଘଟଣା**

ପଟ୍ଟାମୁଣ୍ଡାଇ,୪।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ନିମପୁର ଗ୍ରାମର ବ୍ରାହ୍ମଣୀ ନଦୀ ତୁଠରେ ୨ ତାରିଖ ମଧ୍ୟାହ୍ନ ୧୨ ଟାରେ ରଙ୍ଗ କାମ କରୁଥିବା ୨ ଜଣ ଅଣଓଡ଼ିଆ ଶ୍ରମିକ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ଗୋଡ ଖସିଯିବାରୁ ସେମାନେ ନଦୀ ସୁଅରେ ଭାସି ଯାଇ ନିଖୋଜ ହୋଇ ଯାଇଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ବୋଟ ସହ ନିଖୋଜ ଅଣଓଡ଼ିଆ ଶ୍ରମିକଙ୍କୁ ଖୋଜାଖୋଜି କରିଥିଲେ ହେଁ ସେମାନଙ୍କର କୌଣସି ପତ୍ତା ମିଳିପାରି ନ ଥିଲା। ନଦୀରେ ସୁଅ ଭାସି ଯାଇ ନିଖୋଜ ହୋଇଥିବା ୨ଜଣ ଯୁବକ ଉତ୍ତରପ୍ରଦେଶ ଆଗ୍ରା ଜିଲାର ଅଜିତ କୁଅଁର(୨୦) ଓ ଜାଭେଦ ଖାଁ(୨୨)ଙ୍କ ମୃତଦେହ ସୋମବାର ନଦୀ ନିକଟବର୍ତ୍ତୀ ଅଞ୍ଚଳରୁ ଜବତ କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨ ତାରିଖରେ ଆଗ୍ରାର ୬ ଜଣ ଯୁବକ ମଦନପୁରଠାରେ ଏକ କମ୍ପାନୀର ୱାଲିଂ କାମ ସାରି ମାରୁତି ଭ୍ୟାନ ଯୋଗେ କଟକ ଫେରୁଥିଲେ। ପୂର୍ବାହ୍ନ ୧୧ଟା ବେଳେ ଏମାନେ ନିମପୁର ଘାଟ ସ୍ୱର ନିକଟରେ ଗାଧୋଇବା ପାଇଁ ଗାଡିକୁ ରଖି ୬ଜଣ ଯୁବକ ସ୍ୱର ନିକଟରେ ଗାଧାଉ ଥିଲେ। ନଦୀର ସୁଅ ଯୋଗୁ ଉଭୟ ଅତଳ ପାଣି ଭିତରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ନଦୀ ମଧ୍ୟରେ ଦମକଳ ବାହିନୀ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର କୌଣସି ପତ୍ତା ମିଳି ପାରି ନ ଥିଲା।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣିରେ ୨୪୭ ଅଭିଯୋଗ


ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୪।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲଠାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୪୭ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୨୨୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ଥିଲା। ସେହିପରି ୨୩ଟି ସାମୂହିକ ଅଭିଯୋଗରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଛି। ଅବଶିଷ୍ଟକୁ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲାପାଳ ବିକାଶ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରେଡକ୍ରସରୁ ସହାୟତା, ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏଡିଏମ୍ ପୀତାମ୍ବର ସାମଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସିଏସଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

## ଡେରାବିଶରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ

ଡେରାବିଶ, ୪।୩ (ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଗମନାଗମନର ସୁବିଧା ପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ସେବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକରେ ସୋମବାର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ୨ ଟି ଲକ୍ଷ୍ମୀବସ୍‌କୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବସ୍ ସେବା ଦ୍ୱାରା ଗ୍ରାମଗୁଡ଼ିକରୁ ତହସିଲ, ବ୍ଲକ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଜନସାଧାରଣଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଧାୟିକା କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କ ପାଇଁ କରିଥିବା ଏହି ନୂତନ ଯୋଜନା ଏକ ଐତିହାସିକ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ଦାଶରଥି ଜେନା, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ପ୍ରଥମ କରି ଗଡ଼ିଥିବା ଏହି ବସ୍ ମଧ୍ୟରୁ ଗୋଟିଏ ବସ୍ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ପାଇଁ ସ୍ଥିର କରାଯାଇଛି। ଏହି ବସ୍‌ଟି ମୁକୁନ୍ଦପୁର, ଦାନପୁର ପଞ୍ଚାୟତ, ଚାନ୍ଦୋଳ, ପଲେଇ, ଡେରାବିଶ ହାଇସ୍କୁଲ ଛତାଛକ, ତହସିଲ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ଛତାଛକ, ଅଳାବାଙ୍କ, ଠାକୁରହାଟ ଛକ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବ। ସେହିପରି ଦ୍ୱିତୀୟ ବସ୍‌ଟି ନରସିଂହପୁର ପଞ୍ଚାୟତ କାର୍ଯ୍ୟାଳୟ ଛକରୁ ବାହାରି ତିଳଙ୍ଗ ଛକ, ଏଣ୍ଡର ପଞ୍ଚାୟତ, ବାଲିଆ, ଲକ୍ଷ୍ମୀନାରାୟଣପୁର କାର୍ଯ୍ୟାଳୟ, ଓଲଡ଼ି ଛକ, ତାରେଣୀ ଛକ ଦେଇ ହଳଦିଆ ଛକ ବାଟ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବ ବୋଲି ବିଡିଓ ଜେନା ସୂଚନା ଦେଇଛନ୍ତି। ପ୍ରଥମ କରି ମୁକୁନ୍ଦପୁର ଯାଉଥିବା ଏହି ବସ୍‌ରେ ବିଧାୟିକା ଅଗ୍ରୱାଲଙ୍କ ସମେତ ଅନ୍ୟ ଅତିଥିମାନେ ବସ୍ ଯାତ୍ରା କରିଥିଲେ।


ଲକ୍ଷ୍ମୀ ବସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟିକ ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା, ୪।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ବଘାଲୋଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ ଯୋଜନା ଅର୍ଥ ବିନିମୟରେ ବହୁ ଅନିୟମିତତା ଥିବା ଗ୍ରାମବାସୀ ଜିଲାପାଳଙ୍କୁ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗ୍ରାମର ଅରକ୍ଷିତ ପ୍ରଧାନ, ଉଦୟନାଥ ବରାଳ, ବିକ୍ରମ ପ୍ରଧାନ, ଦୁଃଶାସନ ପ୍ରଧାନ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ଏହି ଯୋଜନା ଅନ୍ତର୍ଗତ ଅର୍ଥ ବଘାଲୋର ଗ୍ରାମଦେବତୀଙ୍କ ପୀଠର ଉନ୍ନତୀକରଣ ପାଇଁ ଆସିଛି। ତେବେ ଠିକାଦାରମାନେ ପୀଠରେ ଥିବା ପରିତ୍ୟକ୍ତ ପ୍ଲିନ୍ଥ ପର୍ଯ୍ୟନ୍ତ କାନ୍ଥ ଉପରେ ନିର୍ମାଣ କାର୍ଯ୍ୟ କରୁଛନ୍ତି। ପୁରୁଣା ରଡ଼ ବ୍ୟବହାର ହେଉଥିବା ବେଳେ ସିମେଣ୍ଟ ବାଲି ମିଶ୍ରଣରେ ଅନିୟମିତତା ଅଛି। ପୁରୁଣା କଂକ୍ରିଟ ପିଲାର ଉପରେ ଏହି ନୂଆ କାମ ଦ୍ୱାରା ସ୍ଥାୟିତ୍ୱ ରହିବ ନାହିଁ। ଏହି ନିର୍ମାଣ କାର୍ଯ୍ୟକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିବା ସେମାନେ କହିଛନ୍ତି।

## ମୃତଦେହ ବ୍ୟବଚ୍ଛେଦ ପରେ କଟକରେ ହେଲା ସଂସ୍କାର

**ବନ୍ଦଘରୁ ସ୍ୱାମୀ,ସ୍ତ୍ରୀ, ପୁଅଙ୍କ ମୃତଦେହ ମିଳିବା ଘଟଣା**

ରାଜନଗର, ୪।୩(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ତାଲଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁର ଏକ ବନ୍ଦ ଘରୁ ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣାକୁ ୪୮ଘଣ୍ଟା ବିତି ଯାଇଥିଲେ ବି ଏଯାଏ ଏହା ରହସ୍ୟାବୃତ ହୋଇ ରହିଛି। ସାଇଣ୍ଟିଫିକ ଟିମର ତଦନ୍ତ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆଜି ଆଳିରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହକୁ ଗାଁକୁ ଅଣା ନ ଯାଇ କଟକରେ ସଂସ୍କାର କରାଯାଇଛି। ବଙ୍ଗୀୟ ରୀତିନୀତି ଅନୁଯାୟୀ, ଝୁଲନ୍ତା ମୃତଦେହରେ ଯିଏ ହାତ ମାରିବ, ତାକୁ ନଣ୍ଡା ହେବା ସହ ବିଭିନ୍ନ ରୀତିନୀତି ପାଳନ କରିବାକୁ ପଡିବ। ସେମାନେ ଗରିବ ଲୋକ ହୋଇଥିବାରୁ ଓ ପରିବାରରେ ଏକମାତ୍ର ପୁଅକୁ ଛାଡିଲେ ଆଉ କେହି ନ ଥିବାରୁ ଏବଂ ଭାଇମାନେ ମଧ୍ୟ ଗରିବ ହୋଇଥିବାରୁ ପରିବାର ଲୋକଙ୍କ ବାଦେ ଗ୍ରାମବାସୀ ମୃତଦେହ ସଂସ୍କାରରେ କାଳେ ସହଯୋଗ ନ କରିବେ ସେଥିପାଇଁ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଆଣିବା ପରିବର୍ତ୍ତେ କଟକ ନିଆଯାଇଥିଲା। ଶ୍ରୀଦାମ ମଣ୍ଡଳ (୫୩)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବାରୁ ଏହା ଆତ୍ମହତ୍ୟା ସ୍ପଷ୍ଟ ହୋଇଛି। ବନ୍ଦ ଘର ଭିତରୁ ଗୋଟିଏ ଘରୁ ପୁଅ ପରିକ୍ଷୀତ (୨୭) ଓ ଅନ୍ୟ ଏକ କୋଠରୀରୁ ସ୍ତ୍ରୀ ଜୟନ୍ତୀ (୪୫)ଙ୍କ ମୃତଦେହ ମିଳିଥିଲା। ୨ଜଣଙ୍କ ପାଟିରୁ ଫେଣ ବାହାରୁଥିଲା। ବିଷକ୍ରିୟା ଜନିତ ମୃତ୍ୟୁ ବୋଲି ପୋଲିସର ପ୍ରାଥମିକ ତଦନ୍ତ କହୁଥିଲେ ମଧ୍ୟ ସେମାନେ କାହିଁକି ବିଷ ପିଇଲେ, ତାହା ପଛର କାରଣକୁ ନେଇ ଏବେ ବି ଚର୍ଚ୍ଚା ଆଲୋଚନା ଜାରି ରହିଛି।

## ଭାଜପା ଆସିଲେ ପାଟକୁରାର ବିକାଶ ହେବ



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ପାଟକୁରା, ୪।୩(ରବୀନ୍ଦ୍ର ନାଥ ବାରିକ )

ଦୀର୍ଘ ୨୪ ବର୍ଷ ବିଜେଡି ସରକାରରେ ୨୦ବର୍ଷ ଧରି ଗୋଟିଏ ଦଳର ପ୍ରତିନିଧି ବିଧାନସଭାକୁ ଯାଇଥିଲେ ବି ପାଟକୁରା ଏବେବି ଅବହେଳିତ ହୋଇପଡିଛି। ଗତ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ସପକ୍ଷରେ ପ୍ରଚାର କରି ପାଟକୁରା ମୋ ଦାୟିତ୍ୱ ବୋଲି କହିଥିଲେ। ହେଲେ ପାଟକୁରା ଅଞ୍ଚଳରେ ଆଶାନୁରୂପ ବିକାଶ ହୋଇପାରିନି। ଏଣୁ ପାଟକୁରାରେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜଳସେଚନ ଓ ନିଷ୍କାସନ, ଶୀତଳଭଣ୍ଡାର ସହ ଗମନାଗମନ ଭଳି ଅନେକ ସମସ୍ୟା ରହିଛି। ତେବେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବା ଭାଜପା ସରକାର ଆସିଲେ ପାଟକୁରାର ବିକାଶ ହୋଇପାରିବ ବୋଲି ରାଜ୍ୟ ଭାଜପାର ସାମାଜିକ ଗଣମାଧ୍ୟମର ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ସୋମବାର ଗରଦପୁର ବ୍ଲକ କଳାବୁଦାଠାରେ ଲକ୍ଷ୍ମୀ ମଣ୍ଡପରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଠା ଜଳସେଚନରେ ସରକାର ବିଫଳ ହୋଇଛନ୍ତି। ସମୁଦାୟ ୧୬୭ଟି ପ୍ରକଳ୍ପ ମଧ୍ୟରୁ ୯୧ଟି ଅଚଳ ହୋଇ ପଡିଛି। ଡ୍ରେନେଜ ଖୋଳାରେ ବ୍ୟାପକ ଅନିୟମିତତା ହୋଇଛି। ପାଟକୁରା, ତେଣ୍ଡାକୁଡା, ମଧୁ, ଗରଦପୁର ଓ କୋରୁଆରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ସିଟି ସ୍କାନ ଓ ଏକ୍ସରେ ମେଶିନ ନ ଥିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସାପ କାମୁଡା ରୋଗୀଙ୍କୁ ଏଠାରେ ଚିକିତ୍ସା କରା ନ ଯାଇ କେନ୍ଦ୍ରାପଡ଼ା ଓ କଟକ ପଠାଯାଉଛି। ବିଦ୍ୟାଳୟରେ ଶିକ୍ଷକ ନ ଥିବାବେଳେ ୫ଟି ରୂପାନ୍ତରୀକରଣ ନାମରେ ସ୍କୁଲ ପିଛା ୫୦ଲକ୍ଷ ଟଙ୍କା ବ୍ୟୟ କରି ଲୁଟ କରିଛନ୍ତି ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏଥିରେ ବ୍ଲକ ମଣ୍ଡଳ ସଭାପତି ବିଭୂତି ପରିଡ଼ା, ଜିଲା ପରିଷଦ ସଭ୍ୟା ଡଲି ଶତପଥୀ, ପୂର୍ବତନ ସମିତି ସଭ୍ୟ ଚିତ୍ତରଞ୍ଜନ ଚୌଧୁରୀଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ରାଜନଗର, ୪।୩(ଭାସ୍କର ରାଉତରାୟ)

ରାଜନଗର ତହସିଲ ଗୁପ୍ତି ପଞ୍ଚାୟତ ଓକିଲପାଳ ଗାଁରେ ରବିବାର ରାତିରେ ଅଗ୍ନିକାଣ୍ଡ ରେ ୫ ବଖରା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ହୋଇଥିବାରୁ କାରଣ ଜଣାପଡିନାହିଁ। ଗାଁର ବୀରକିଶୋର ରାଉତଙ୍କ ୫ ବଖରା ସହ ମୋଟର ସାଇକେଲ ଓ ସମସ୍ତ ଆସବାସପତ୍ର ପୋଡିଯାଇଛି। ଗାଁ ଲୋକ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କଲାବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବିଜୟ କୁମାର ନାୟକ, ଖଗେଶ୍ୱର ଲେଙ୍କା, ସୁଦର୍ଶନ ରାଉତ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ଆସୁଛି ମୋ କାଳିଆ ସୁନା ସଙ୍ଗଠନ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି।

## ଉଚ୍ଚଶିକ୍ଷା ପାଇଁ ଅର୍ଥ ଆଉ ବାଧକ ହେବ ନାହିଁ

**ମାର୍ଶାଘାଇ, ଶ୍ରୀ ବାୟାବାବା କଲେଜରେ ଛାତ୍ରବୃତ୍ତି ବିତରଣ**

ମାର୍ଶାଘାଇ/ମହାକାଳପଡ଼ା,୪।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ଉଚ୍ଚଶିକ୍ଷା ପାଇଁ ଅର୍ଥ ଆଉ ବାଧକ ହେବ ନାହିଁ। ପିଲାମାନେ ଆଉ ମା'ବାପାଙ୍କ ଉପରେ ବୋଝ ହେବେ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ସୋମବାର ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନାୟକ ଯୋଗଦେଇ ମାର୍ଶାଘାଇ ଓ ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ଛାତ୍ରୀଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ମାର୍ଶାଘାଇ କଲେଜର ୧୨୦୦ ଓ ଅନ୍ତେଇ କଲେଜର ୩୬୭ ଛାତ୍ରୀଛାତ୍ରଙ୍କୁ ବୃତ୍ତି ବିତରଣ କରିଥିଲେ। ମାର୍ଶାଘାଇ କଲେଜ ଅଧ୍ୟକ୍ଷ ପ୍ରଣୟ କୁମାର ପରିଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ତେଇ କଲେଜ ଅଧ୍ୟକ୍ଷ ବିଶ୍ୱଜିତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସଦସ୍ୟା ଦୁର୍ଗାବତୀ ପ୍ରଧାନ, ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତ ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ନାୟକ ମାର୍ଶାଘାଇ ପ୍ରାଥମିକ ସେବା ସମବାୟ ସମିତିରେ ଶହେ ମେଟ୍ରିକ ଟନ ବିଶିଷ୍ଟ ବହୁମୁଖୀ ଗୃହର ଶିଳାନ୍ୟାସ କରିଥିଲେ। ଜିଲା ଅତିରିକ୍ତ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ, ସମ୍ପାଦକ ଗୋବର୍ଦ୍ଧନ ସାହୁଙ୍କ ସମେତ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

ସେହିପରି ମହାକାଳପଡ଼ାସ୍ଥିତ ଶ୍ରୀଶ୍ରୀ ବାୟାବାବା କଲେଜ ସଭାଗୃହରେ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ନାୟକ ଯୋଗଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଅଧ୍ୟାପକମାନଙ୍କ ମଧ୍ୟରେ ଫିରୋଜ ସାହୁ, ଶ୍ରୀକାନ୍ତ ନନ୍ଦ, ସୁରଜ ଦେ, କୁମାରୀ ଲୋଚନ ଖଣ୍ଡେଇ, ଜ୍ୟୋତି ପ୍ରକାଶ ଜେନା, ସୁକାନ୍ତ ଆର୍ଯ୍ୟ, ବୈଷ୍ଣବ ଚରଣ ଦାସଙ୍କ ସମେତ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ମନ୍ତ୍ରୀ ନାୟକ ୭୩୪ ଛାତ୍ରୀଛାତ୍ରଙ୍କୁ ୯ ଓ ୧୦ ହଜାର ଟଙ୍କା ବଣ୍ଟନ କରିଥିଲେ।

## ମୁକୁନ୍ଦପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଡେରାବିଶ,୪।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସରପଞ୍ଚ ମିତାରାଣୀ ମଲିକ ଉପସ୍ଥିତି ଥିଲେ। ବିଡିଓ ଦାଶରଥି ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ରାଶନ କାର୍ଡ଼ରେ ନାମ ସଂଯୋଗ, ଆଧାର ପଞ୍ଜୀକରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ ଲାଗି ଦରଖାସ୍ତ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେଗୋଟିର ଦ୍ରୁତ ସମାଧାନ କରାଯିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏଥିରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, ସିଡିପିଓ ସ୍ନେହଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ

ଖଣ୍ଡପଡ଼ା, ୪।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଗାଁରେ ଏକ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିଲା। ଉକ୍ତ ଜାଗାରେ ଏକାଧିକ ବ୍ୟକ୍ତି ଜବରଦଖଲ କରିଥିବାରୁ ସମ୍ପୃକ୍ତ କାର୍ଯ୍ୟ କରିବାରେ ବାଧକ ସୃଷ୍ଟି ହେଉଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅଭିଯୋଗ କରିବା ପରେ ସୋମବାର ସମ୍ପୃକ୍ତ ସ୍ଥାନରୁ ମାଜିଷ୍ଟ୍ରେଟ ତଥା ଖଣ୍ଡପଡା ତହସିଲଦାର ଓ ପୋଲିସ ପ୍ରଶାସନର ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ପାଣ୍ଡୁସାହୁପାଟଣା ଗ୍ରାମରେ ଏକ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଏନ୍ଏଚଆର୍ଏମ୍ ପକ୍ଷରୁ ପ୍ରାୟ ୩୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର କରାଯାଇଥିଲା।

ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣ ଲାଗି ଗ୍ରାମ ନିକଟସ୍ଥ ମଧ ଇଂରାଜି ବିଦ୍ୟାଳୟ ସଂଲଗ୍ନ ଏକ ଟୁଙ୍ଗୁରୀ ପାହାଡକୁ ପ୍ରଶାସନ ପକ୍ଷରୁ ତଥା ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନ ନିରୂପଣ କରାଯାଇଥିଲା। ମାତ୍ର ଉକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ କାର୍ଯ୍ୟ ନିର୍ବାହୀ(ଠିକାଦାର) କାର୍ଯ୍ୟ ଆରମ୍ଭ କରିବାରେ ଉକ୍ତ ପାହାଡରେ ଦୀର୍ଘ ୨୫


ପ୍ରଶାସନ ପକ୍ଷରୁ ଜେସିବି ସାହାଯ୍ୟରେ ଗୃହକୁ ଉଚ୍ଛେଦ କରାଯାଉଛି।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣରେ ବାଧକ ସାଜିଥିଲା

ବର୍ଷରୁ ଉର୍ଦ୍ଧ୍ୱ ସମୟ ଜବରଦଖଲ କରିଥିବା ଏକାଧିକ ବ୍ୟକ୍ତି ବିଶେଷଙ୍କ ଯୋଗୁ କାମ ଆରମ୍ଭ କରିବାରେ ବାଧକ ସୃଷ୍ଟି କରିଥିଲା। ସମ୍ପୃକ୍ତ ସ୍ଥାନରୁ ଜବରଦଖଲ ହଟାଇବା ନେଇ ଗ୍ରାମବାସୀ ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସେହି ସ୍ଥାନରୁ ପ୍ରଶାସନର ହସ୍ତକ୍ଷେପ ପରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମାତ୍ର କିଛିଦିନର ବ୍ୟବଧାନ ପରେ ସମ୍ପୃକ୍ତ ଅଞ୍ଚଳର ଅଶୋକ ରାଉତ, ବ୍ରଜ ନାୟକ, କୈଳାସ ଚନ୍ଦ୍ର ରାଉତ ପୁଣି ଜବରଦଖଲ କରିବାରୁ ଗ୍ରାମବାସୀ ମିଳିତ ହୋଇ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ସମୂହ କାର୍ଯ୍ୟରେ ବାଧା ସୃଷ୍ଟି ନ କରିବାକୁ ନିବେଦନ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀଙ୍କ ପକ୍ଷରୁ ପୋଲିସ ପ୍ରଶାସନ ସହ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣା ଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ସୋମବାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକଙ୍କ ସମେତ ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହିଥିବା ବେଳେ ସମ୍ପୃକ୍ତ ନୂତନ ଗୃହ ନିର୍ମାଣ କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

## ଜେଲ ଗଲେ ଦୁଇଭାଇ

ନୟାଗଡ,୪।୩ (ଲୋକନାଥ ମିଶ୍ର)

ନୟାଗଡ ଟାଉନ ଥାନା ପୋଲିସ ନବଘନପୁର ନିକଟସ୍ଥ ହରିପୁର ଗାଁର ରାଜେଇ ବେହେରା(୨୨), ବିଜୟ ବେହେରା(୨୪) ଗାଁରେ ଖଣ୍ଡା ଦେଖାଇ ଭୟଭୀତ କରିବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଇଭାଇଙ୍କ ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସାନ ଭାଇ ରାଜେଇ ରବିବାର ଜେଲ ଯାଇଥିବାବେଳେ ବଡଭାଇ ବିଜୟ ସୋମବାର ଜେଲ ଯାଇଛନ୍ତି। ଗାଁରେ ରାମଲୀଳା ହେଉଥିବାବେଳେ ୨ ଭାଇ ଖଣ୍ଡା ଦେଖାଇ ଅଶାନ୍ତକର ପରିବେଶ ସୃଷ୍ଟି କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୬୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

## ଠାକୁରାଣୀଙ୍କ ବିଜେସ୍ଥଳରେ ଆବାସ ଯୋଜନାରେ ଘର

ନୟାଗଡ଼,୪।୩(ଲୋକନାଥ ମିଶ୍ର)

ଓଡଗାଁ ବ୍ଲକ ଜାମୁସାହିସ୍ଥିତ ଶ୍ରୀକଜଳେଇ ଠାକୁରାଣୀଙ୍କ ବିଜେସ୍ଥଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଆରମ୍ଭ ହୋଇଛି। ମା'ଙ୍କ ବିଜେସ୍ଥଳରେ ଆବାସ ଯୋଜନାରେ ଘରକୁ ନେଇ ଗାଁ ଲୋକ ପ୍ରତିବାଦ କରିଛନ୍ତି। ଯାହାକି ମନ୍ଦିରର ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି କରିଲାଣି। ଏଣୁ ତୁରନ୍ତ ଆବାସ ଯୋଜନାରେ ଚାଲିଥିବା ଗୃହ କାର୍ଯ୍ୟକୁ ବନ୍ଦ କରିବାକୁ ଶିବ ଶକ୍ତି ପୂଜକ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

## ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର


ଶିବିରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ଶରଣକୁଳ, ୪।୩ (ଦୀପକ କର)

ଶରଣକୁଳ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ସ୍ଥାନୀୟ ମଗରବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରର ଦ୍ୱିତୀୟ ଦିନରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ପରିବେଶ ସଫା ରଖିବାକୁ ଗ୍ରାମ୍ୟ ପରିକ୍ରମା କରିବା ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶରଣକୁଳ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ବ୍ୟୋମକେଶ ରଥ, ପ୍ରାଧ୍ୟାପକ ମହେଶ୍ୱର ମହାପାତ୍ର, ରାଜନୀତି ବିଜ୍ଞାନ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା, ଦର୍ଶନ ଶାସ୍ତ୍ର ଅଧ୍ୟାପକ ଦୁର୍ଗାଚରଣ ନାୟକ, ସଂସ୍କୃତ ବିଭାଗ ଅଧ୍ୟାପକ ଦିଲୀପ କୁମାର ସାହୁ ଏବଂ ୪୭ ଜଣ ସ୍ୱେଚ୍ଛାସେବୀ, ୨ଜଣ ପୁରାତନ ସ୍ୱେଚ୍ଛାସେବୀ ସହ ଯୋଗେନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ପ୍ରଧାନ, କମଳା ସାହୁ ଉପସ୍ଥିତ ଥିଲେ। ସଭାପତି ନାୟକ ମଞ୍ଚ ପରିଚାଳନା କରିଥିଲେ। ଡ. ରଥ କ୍ୟାରିୟର କାଉନସିଲିଂ ଉପରେ ସ୍ୱେଚ୍ଛାସେବୀମାନଙ୍କୁ ଅଭିଭାଷଣ ରଖିଥିଲେ। ପ୍ରାଧ୍ୟାପକ ମହାପାତ୍ର ଛାତ୍ର ଜୀବନରେ ଏନ୍ଏସ୍ଏସ୍ର ଅନୁଭୂତି ସମ୍ପର୍କରେ ପିଲାମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କର ଆଗ୍ରହ ଓ ଉପସ୍ଥିତିକୁ ଅନୁଭବ କରି ସଭାପତି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ବରିଷ୍ଠ ଅଧ୍ୟାପକ ପରିଡ଼ା ଏକ ପ୍ରମୁଖ ବିଷୟ 'ମୋର ପ୍ରଥମ ଭୋଟ ମୋ ଦେଶ ପାଇଁ' ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରୋଗ୍ରାମ ଅଧିକାରିଣୀ ପ୍ରତିମା ବେହେରା ଧନ୍ୟବାଦ ଦେଇଥିଲେ।

# ମହାଶିବରାତ୍ରି: ସଜେଇ ହେଉଛି ଶ୍ରୀଲଡୁବାବାଙ୍କ ମନ୍ଦିର

ଶରଣକୁଳ, ୪।୩ (ଦୀପକ କର)

ରାଜ୍ୟର ପ୍ରସିଦ୍ଧ ଶୈବକ୍ଷେତ୍ର ମଧ୍ୟରୁ ଶରଣକୁଳର ଶ୍ରୀଲଡୁବାବାଙ୍କ ପୀଠରେ ଆସନ୍ତା ୮ ତାରିଖରେ ମହାଶିବରାତ୍ରି ଜାଗର ଯାତ୍ରା ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର ଯାତ୍ରା ପାଇଁ ଶରଣକୁଳ ଚଳଚଞ୍ଚଳ ହୋଇ ଉଠିଛି। ନୟାଗଡ଼ ଦେବୋତ୍ତର ବିଭାଗ ଏବଂ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ ମନ୍ଦିର ସୌନ୍ଦର୍ଯ୍ୟକରଣ ତଥା ଯାତ୍ରାକୁ ଶୃଙ୍ଖଳାପୂର୍ଣ୍ଣ ଭାବେ ଦର୍ଶନ କରିବା ନିମନ୍ତେ ଲାଗି ପଡିଛନ୍ତି। ଯାତ୍ରାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନକୁ ଲକ୍ଷ୍ୟ କରି ପୋଲିସ ଫୋର୍ସ ଓ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଲଡୁବାବାଙ୍କ ଦର୍ଶନ ଓ ଜାଗର ଜାଳିବା ନିମନ୍ତେ ମନ୍ଦିର ବେଢା, ପୁଷ୍କରିଣୀ ଚତୁଃପାର୍ଶ୍ୱ, ଶରଣକୁଳ ବଜାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସବୁକୁ ସଫା ରଖିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଯାତ୍ରା ପଡ଼ିଆକୁ ଜେସିବି ସାହାଯ୍ୟରେ ସମତଳ ଏବଂ ପରିଷ୍କାର କରାଯାଇଛି। ବହୁ ଉଠା ଦୋକାନୀ ମନ୍ଦିରରେ ଫିସ୍ ଜମା ଦେଇ ଯାତ୍ରା ପଡ଼ିଆରେ ସ୍ଥାନ ସଂରକ୍ଷିତ କରିବା ଆରମ୍ଭ କରିଛନ୍ତି। ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଆଗରେ ଲୁହା ବ୍ୟାରିକେଟ୍ ଲଗାଯାଇଛ। ଫଳରେ ସମସ୍ତ ଦର୍ଶନାର୍ଥୀ ବ୍ୟବସ୍ଥିତ ଭାବେ ମନ୍ଦିର ପ୍ରବେଶ ସହ



ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ଯାତ୍ରା ପଡିଆକୁ ମଧ୍ୟକୁ ପ୍ରବେଶ ପାଇଁ ଦୁଇଟି ସୁନ୍ଦର ଗେଟ ନିର୍ମିତ ହେବ। ଥାନା ପାଚେରିକୁ ଲାଗି ଗୋଟିଏ ଓ ମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ପଡିଆ ମଧ୍ୟକୁ ଯିବା ଲାଗି ଅନ୍ୟ ଗେଟ ନିର୍ମିତ ହେବ। ମନ୍ଦିରକୁ ରଙ୍ଗବେରଙ୍ଗ ବିଦ୍ୟୁତ୍ ଆଲୋକମାଳାରେ ସଜା ଯିବା କାର୍ଯ୍ୟ ଆଗେଇ ଚାଲିଛି। ଏହି ଯାତ୍ରାରେ ବହୁ ସ୍ୱେଚ୍ଛାସେବୀ, ଆଶ୍ରୟ ଅନୁଷ୍ଠାନ, ଶରଣକୁଳ ମହାବିଦ୍ୟାଳୟ, ଗ୍ରୀନ କ୍ଲବ ହରିହରପୁର ଏବଂ ସତ୍ୟସାଇ ସେବାସଂଘ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଓ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇବାକୁ ମନ୍ଦିର ପ୍ରଶାସନକୁ ସହାୟତାର ହାତ ବଢ଼ାଇଛନ୍ତି। ଚଳିତବର୍ଷ ଜାଗର ଯାତ୍ରାରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ପ୍ରଥମ ପର୍ଯ୍ୟାୟରେ ୮ରୁ ୧୧ତାରିଖ ପର୍ଯ୍ୟନ୍ତ ଅଶୋକ ସମ୍ରାଟ ଏବଂ ଦୁର୍ଗା ମନ୍ଦିର ଅପେରା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ରୁ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ କନ୍ୟା ଯାତ୍ରା ପରିବେଷଣ କରିବ ବୋଲି ମା' ଯାଜ୍ଞଶ୍ୱରୀ ଯାତ୍ରା କମିଟି ସଭାପତି ରାମକୃଷ୍ଣ ଦାସ, ଲଡୁକେଶ ମହେଶ ଯାତ୍ରା କମିଟି ସମ୍ପାଦକ ଜ୍ଞାନ ରଞ୍ଜନ ମୁଦୁଲି ଓ ଲଡୁବାବା ଯାତ୍ରା କମିଟି ସଭାପତି ରବି ମହାପାତ୍ର ସୂଚନା ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମାମାଲି


@ ନାରାୟଣ


@ ରାଜକୁମାର


@ ଶୁଭାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହେଲ୍ପର ଚଳାଉଥିଲେ ଅଟୋମେଟିକ୍ ମିକଶ୍ଚର ମେଶିନ

## ମିକଶ୍ଚର ମେଶିନରେ ଶ୍ରମିକଙ୍କ ମୃତ୍ୟୁ ପ୍ରସଙ୍ଗ

ନୟାଗଡ଼,୪।୩(ଲୋକନାଥ ମିଶ୍ର)

ନୟାଗଡ଼ ବାଇପାସ ପାଇଁ ସିମେଣ୍ଟ, ଗୋଡି ମିକଶ୍ଚର ମେଶିନରେ ଫେଣ୍ଟା ଯାଉଥିବାବେଳେ ଏଆର୍ଏସ୍ଏସ୍ର ମାଛିପଡ଼ା ପ୍ଲାଣ୍ଟରେ ଦୁର୍ଘଟଣା ଘଟି ରବିବାର ନୂଆଗାଁ ଥାନା ଆମ୍ବଝରୀ ଗାଁର ବାସୁଦେବ ପ୍ରଧାନ(୫୩) ଜଣେ ଶ୍ରମିକ ପ୍ରାଣ ହରାଇଥିଲେ। ବାସୁଦେବଙ୍କ ମୃତ୍ୟୁକୁ ଅନୁଧ୍ୟାନ କଲେ ଏଆର୍ଏସ୍ଏସ୍ କମ୍ପାନୀର ଖାମ ଖିଆଲି ପଦାରେ ପଡିଛି। ଅଟୋମେଟିକ ମିକଶ୍ଚର ମେଶିନକୁ କିପରି ଜଣେ ହେଲପରକୁ ଚଳାଇବାକୁ ଦିଆଯାଇଥିଲା। କମ୍ପାନୀର ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହେଲା। ପ୍ରଶ୍ନ ଉଠୁଛି ଏଆର୍ଏସ୍ଏସ୍ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି। ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏଆର୍ଏସ୍ଏସ୍ କମ୍ପାନୀକୁ କାହିଁକି ଅନୁକମ୍ପା ଦେଖାଉଛି। କାହିଁକି ଏଆର୍ଏସ୍ଏସ୍ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି। ବରଂ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ନୂଆଗାଁର ଶରତ ଚନ୍ଦ୍ର ସ୍ୱାଇଁ କୁହନ୍ତି, ରବିବାର ଅପରାହ୍ନରେ ମୋ ଭିଣୋଇ ବାସୁଦେବ ପ୍ରଧାନ ମିକଶ୍ଚର ମେଶିନରେ ପ୍ରାଣ ହରାଇଥିଲେ। ମୋ ଭିଣୋଇ ସିମେଣ୍ଟ ଢ଼ାଳୁଥିବାବେଳେ ଜଣେ ଅନଭିଜ୍ଞ ହେଲପରକୁ କିଏ ଅଟୋମେଟିକ ମିକଶ୍ଚର ମେଶିନ ଚଳାଇବାକୁ ଅନୁମତି ଦେଇଥିଲା। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଅନ୍ୟପକ୍ଷେ ମୋ ଭିଣୋଇଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ନିହାତି ଆବଶ୍ୟକତା ରହିଛି।

## ଜେଲ ଗଲେ ଅପରେଟର

ଅଟୋମେଟିକ ମିକଶ୍ଚର ମେଶନରେ ଶ୍ରମିକ ପ୍ରାଣ ହରାଇବା ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ମିକଶ୍ଚର ମେଶିନର ଅପରେଟର ଦେବଗଡର ରିଆମାଳ ଜିତେନ କୁମାର ସାହୁ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ଜିତେନଙ୍କୁ ନୟାଗଡ଼ ସବ୍ଜେଲକୁ ପଠାଇ ଦିଆଯାଇଛି। ମିକଶ୍ଚର ମେଶନ ହେଲପର ଚଳାଉଥିବା ଅଭିଯୋଗ ଉଠିଥିବା ବେଳେ ଅପରେଟର ଗିରଫ ହେବା ପ୍ରସଙ୍ଗକୁ ସନ୍ଦେହ ଘେରକୁ ଟାଣିଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନୟାଗଡ଼,୪।୩ (ଲୋକନାଥ ମିଶ୍ର)

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂ ଅଭିଯୋଗ ଶୁଣିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଅନୁରୂପ ଭାବେ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ସହଯୋଗ କରିଥିଲେ। ମୋଟ ୧୬୩ଟି ଅଭିଯୋଗ ହୋଇଥିଲା। ଏଥିରୁ ୧୩୮ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨ଟି ଗ୍ରାମ୍ୟ ମାମଲା ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨୩ଜଣଙ୍କୁ


ଶିବିରରେ ଜିଲାପାଳ ଓ ଅନ୍ୟମାନେ।

ସହାୟତା ଦିଆଯାଇଛି। ଜିଲାପାଳ ୫୭ଟି ଅଭିଯୋଗ ଶୁଣାଣି କରିଥିଲେ। ଅନ୍ୟ ଅଭିଯୋଗଗୁଡିକ ବିଭିନ୍ନ ବିଭାଗକୁ ସମାଧାନ ପାଇଁ ପଠାଇ ଦିଆଯାଇଛି।

# ନୂଆ ରୂପରେ ସଜେଇ ହେଉଛି ଶ୍ରୀନୀଳମାଧବ କ୍ଷେତ୍ର



ଖଣ୍ଡପଡା,୪।୩ (ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବର ପୀଠର ବିକାଶ ନିମନ୍ତେ ୧୦୦କୋଟି ଟଙ୍କାର ଅନୁଦାନ ଅର୍ଥ ୨୦୨୨ ମେରେ ମଞ୍ଜୁର କରିଥିଲେ। ଏ ପରିପ୍ରେକ୍ଷୀରେ ଏହି ବିକାଶ ପ୍ରକଳ୍ପର କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲୁଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଚାପ ସୃଷ୍ଟି ହେବାରୁ ସମ୍ପ୍ରତି ଶୀଘ୍ର କରାଯାଉଛି। ଏହି ବିକାଶ ପ୍ରକଳ୍ପ ଯୋଗୁ ଶ୍ରୀନୀଳମାଧବ ପୀଠ ନୂଆ ରୂପରେ ସଜାଇ ହୋଇ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାରେ ଲାଗିଛି। ଏହି କାମ ସମ୍ପୂର୍ଣ୍ଣ ହେବା ପାଇଁ ଆହୁରି ୬ ମାସରୁ ଉର୍ଦ୍ଧ୍ୱ ସମୟ ଲାଗିବ ବୋଲି କାର୍ଯ୍ୟନିର୍ବାହୀଙ୍କଠାରୁ ସୂଚନା ମିଳିଛି। ଶ୍ରୀନୀଳମାଧବ ବିକାଶ ପ୍ରକଳ୍ପ ସହ ମେଡିକାଲ ଛକଠାରୁ ମନ୍ଦିର ପୂର୍ବ(ସିଂହ) ଦ୍ୱାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଓ ଡ୍ରେନେଜ କାର୍ଯ୍ୟ ଚାଲୁ ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ମହାନଦୀ ଦକ୍ଷିଣ

## ଆଗେଇ ଚାଲିଛି ମହାନଦୀ କୂଳ ପରିକ୍ରମା ରାସ୍ତାକାର୍ଯ୍ୟ

ପାର୍ଶ୍ୱ ମାଳବନ୍ଧକୁ ସୁଦୃଢ ତଥା ସୁରକ୍ଷା ନିମନ୍ତେ ପଥର ପ୍ୟାକିଂ ଓ ପଥର ଡମ୍ପିଂ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ଯାତ୍ରାପଦା ବଜାରଠାରୁ ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ସହ ନଦୀ କୂଳେ କୂଳେ ପରିକ୍ରମା ପ୍ରକଳ୍ପ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟକ୍ରମ ମଧ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଥିବା ଦେଖିବାକୁ ମିଳିଛି। ଶ୍ରୀନୀଳମାଧବ ମନ୍ଦିର ପରିସରରେ ଫେବର୍ଲୋବା ପଥର ବିଛାଯାଇ ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅପରପକ୍ଷରେ ମେ ୧୦ ତାରିଖ ଅକ୍ଷୟ ତୃତୀୟା ତିଥିଠାରୁ ଶ୍ରୀଜୀଉଙ୍କ ଚନ୍ଦନ ଚାପ ଅନୁଷ୍ଠିତ ହେବାକୁ ଥିବା ବେଳେ ଚନ୍ଦନ ପୋଖରୀର ମଣିଖମ୍ଭ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପରେ ପୋଖରୀର ଅନ୍ୟ କାର୍ଯ୍ୟ ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଚନ୍ଦନ ପୋଖରୀରୁ ସମ୍ପୂର୍ଣ୍ଣ ଭାବେ ପଙ୍କୋଦ୍ଧାର କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ ଉପରେ ବିରାଜିତ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ବୟସ୍କ ତଥା ଭିନ୍ନକ୍ଷମ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବାରୁ ସୁରକ୍ଷିତ ଯାତାୟାତ ନିମନ୍ତେ ଲିଫ୍ଟ କାର୍ଯ୍ୟ ମଧ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ସମ୍ପୃକ୍ତ କାର୍ଯ୍ୟ ଶେଷ କରିବାରେ ଆଉ ପ୍ରାୟ ୪ମାସ ଲାଗିଯିବ ବୋଲି ଦାୟିତ୍ୱରେ ଥିବା ଓଡ଼ିଶା ପର୍ଯ୍ୟଟନ ବିଭାଗ ଯନ୍ତ୍ରୀ ପ୍ରସନ୍ନ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି। ଇତି ମଧ୍ୟରେ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ଓ ଏହାର ପାର୍ଶ୍ୱବର୍ତ୍ତୀ ମନ୍ଦିର ଗୁଡିକୁ କଲର ପ୍ରଲେପ ଦିଆଯାଇ ଆକର୍ଷିତ କରାଯାଉଥିବା ବେଳେ ଏହାର ପାରିପାର୍ଶ୍ୱିକ ତଥା ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।


ପ୍ରକଳ୍ପ ଅନ୍ତର୍ଗତ ରାସ୍ତା କାମ ଚାଲିଛି।

**ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା**

ପାଣିକୋଇଲି,(ବିକାଶ କୁମାର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ଭକଣ୍ଡରୀ ଗ୍ରାମର ଜଣେ ଯୁବକ ପାରିବାରିକ କଳହରୁ ଟ୍ରେନ୍ ଲାଇନରେ ଶୋଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭକଣ୍ଡରୀ ଗ୍ରାମର ସନାତନ ଦାସ (୨୭)। ତାଙ୍କ ପରିବାରରେ ୩ ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ରବିବାର ରାତ୍ରୀରେ ସନାତନ ଘରୁ ପଳାଇ ଆସିଥିଲେ। ବିଳମ୍ବିତ ରାତିରେ ସେ ବୈତରଣୀରୋଡ ରେଳ ଷ୍ଟେସନର ଅନତିଦୂର ହଟପୁର ଗ୍ରାମ ନିକଟରେ ସନାତନ ମାନସିକ ଭାରସାମ୍ୟ ହରାଇ ଟ୍ରେନ ଲାଇନରେ ଶୋଇ ଅତ୍ମହତ୍ୟା କରିଥିଲେ। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୬୦ ୟୁନିଟ୍ ରକ୍ତ ସଂଗୃହୀତ

ବାଲିଚନ୍ଦ୍ରପୁର,୪।୩(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତସ୍ଥିତ ବନ୍ଦରେଶ୍ୱର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଦିଗାମ୍ବର ସାମଲଙ୍କ ସ୍ମୃତିରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବୈଷ୍ଣବ ଚରଣ ସାମଲ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହ ଉଦଘାଟନ କରିବା ପରେ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ଅନେକ ମହିଳା ରକ୍ତଦାତାଙ୍କୁ ଦେଖିବାକୁ ମିଳିଥିଲା। ସେଣ୍ଟ୍ରାଲ ରେଡ଼କ୍ରସ କଟକର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅବିନାଶ ଦାସ, ଲାବ୍ରୋଟୋରୀ ଟେକ୍ନିସିଆନ ସନ୍ଦିପ କୁମାର ସ୍ୱାଇଁ, ଲାବ୍ରୋଟୋରୀ ଆଟେନାଣ୍ଟ ମୃତ୍ୟୁଞ୍ଜୟ ବେଜ, ପ୍ରସନ୍ନ କୁମାର ସ୍ୱାଇଁ, ସଞ୍ଜୟ କୁମାର ପାତ୍ର ପ୍ରମୁଖ ଶିବିରରେ ଉପସ୍ଥିତ ରହି ୬୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

### ୪ ମହାବିଦ୍ୟାଳୟର ୨୩୧୭ ଜଣ ପାଇବେ ଛାତ୍ରବୃତ୍ତି

ଧର୍ମଶାଳା,୪।୩(ବଟକୃଷ୍ଣ ପରିଡା)

:ରାଜ୍ୟ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ଡିଗ୍ରୀ ଓ ପିଜି ଛାତ୍ରୀଛାତ୍ରମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏହି କ୍ରମରେ ଧର୍ମଶାଳା ବ୍ଲକର ୪ ଡିଗ୍ରୀ କଲେଜର ୨୩୧୭ ଜଣ ଛାତ୍ରୀଛାତ୍ର ୨ କୋଟି ୨୭ ଲକ୍ଷ ୪୪ହଜାର ଟଙ୍କା ମଙ୍ଗଳବାର ଦିନ ପାଇବେ। ଧର୍ମଶାଳା ଡିଗ୍ରୀ କଲେଜର ସାଧାରଣ ବର୍ଗ ଓ ପଛୁଆ ବର୍ଗର ୨୯୩ଜଣ ଛାତ୍ର ୨୬ଲକ୍ଷ ୩୭ ହଜାର ଓ ୫୮୨ଜଣ ଛାତ୍ରୀ ୫୮ ଲକ୍ଷ ୨୦ ହଜାର ଛାତ୍ର ବୃତ୍ତି ପାଇବେ। ସେହିପରି ଏସି/ଏସଟି ବର୍ଗର ୫୦ଜଣ ଛାତ୍ର ୫ଲକ୍ଷ ଓ ୧୦୭ଜଣ ଛାତ୍ରୀ ୧୧ ଲକ୍ଷ ୭୭ହଜାର ଟଙ୍କା ଛାତ୍ରବୃତ୍ତି ପାଇବେ। ମୁକୁନ୍ଦପାତ୍ର ଡିଗ୍ରୀ କଲେଜର ସାଧାରଣ ବର୍ଗର ୨୩୮ଜଣ ଛାତ୍ର ୨୧ଲକ୍ଷ ୪୨ ହଜାର, ୩୭୨ଜଣ ଛାତ୍ରୀ ୩୭ଲକ୍ଷ ୨୦ହଜାର ଓ ଏସି/ଏସଟି ବର୍ଗର ୪୮ଜଣ ଛାତ୍ର ୪ଲକ୍ଷ ୮୦ହଜାର ଓ ୭୦ଜଣ ଛାତ୍ରୀ ୭ଲକ୍ଷ ୭୦ ହଜାର ଟଙ୍କା ଛାତ୍ର ବୃତ୍ତି ପାଇବେ। ସେହିପରି ଜେନାପୁର ଡିଗ୍ରୀ କଲେଜର ସାଧାରଣ ବର୍ଗର ୧୪୯ ଜଣ ଛାତ୍ର ୧୩ଲକ୍ଷ ୪୧ହଜାର ଓ ୨୫୪ଜଣ ଛାତ୍ରୀ ୨୫ଲକ୍ଷ ୪୦ ହଜାର, ଏସି/ଏସଟି ବର୍ଗର ୨୮ଜଣ ଛାତ୍ର ୨ଲକ୍ଷ ୮୦ ହଜାର ଓ ୫୬ଜଣ ଛାତ୍ରୀ ୬ଲକ୍ଷ ୧୬ ହଜାର ଟଙ୍କା ଛାତ୍ର ବୃତ୍ତି ପାଇବେ। ଆସନ୍ତା କାଲି ସେମାନଙ୍କୁ କଲେଜ ପକ୍ଷରୁ ଛାତ୍ର ବୃତ୍ତି ସାର୍ଟିଫିକେଟ ଦେବା ସହ ସେମାନେ ଦେଇଥିବା ପାସବୁକ ଜମା ବହିରେ ଅର୍ଥ ପଇଠ କରାଯିବ ବୋଲି ଜଣାଯାଇଛି।

# ଉଜୁଡ଼ିବାକୁ ବସିଛି କୋରାବନ୍ଦୀ ଶାଳ ଜଙ୍ଗଲ

- ବନୀକରଣର ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଚଲୁ
- ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ
- ରକ୍ଷଣାବେକ୍ଷଣ ପାଇଁ ନାହାନ୍ତି ଆବଶ୍ୟକ କର୍ମଚାରୀ
- ଫାଙ୍କା ପଡିଛି ରଗ ଛକର ନବନିର୍ମାଣ ବିଟ୍ ହାଉସ

କୋରେଇ,୪।୩(ଚନ୍ଦ୍ରକାନ୍ତ ପତି)


ଜଙ୍ଗଲରୁ କଟାଯାଇଥିବା ଶାଳ ଗଛ।

ରାଜ୍ୟରେ ନୁତନ ଜଙ୍ଗଲ ସୃଷ୍ଟି ତଥା ବନୀକରଣ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବାସ୍ତବରେ ଏହି ଯୋଜନା କର୍ମଚାରୀ ଓ ଠିକାଦାର ପୋଷଣ ନୀତିରେ ପରିଣତ ହୋଇଛି। ବିଭିନ୍ନ ଜାଗାରେ ବନୀକରଣ ନାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ମାଧ୍ୟମରେ ପ୍ରଚୁର ଅର୍ଥ ହରିଲୁଟ ହେଉଛି। ବନବିଭାଗ ଅଧିକାରୀମାନେ ନିଜର ମୂଳ ଦାୟିତ୍ୱ ଭୁଲି ଠିକାଦାରୀ ରାଜନୀତିରେ ଲିପ୍ତ ରହୁଛନ୍ତି।

ସୂଚନା ଅନୁଯାୟୀ, କଟକ ବନଖଣ୍ଡ ଯାଜପୁର ରୋଡ଼ ରେଞ୍ଜ ଅଧୀନ ପଛିକୋଟ ଡିମାର୍କେଟେ ପ୍ରୋଟେକ୍ଟ ଫରେଷ୍ଟ(ଡିପିଏଫ୍) ଅଧୀନ କୋରାବନ୍ଦୀ ଓ ମଲାରିଆ ମଧ୍ୟ ଭାଗରେ ଥିବା ୧୪୮ ହେକ୍ଟର ଏକମାତ୍ର ଶାଳ ଜଙ୍ଗଲ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଯାଜପୁର ରୋଡ଼ ବନବିଭାଗ ଏହାକୁ ସୁରକ୍ଷା ଦେବା ବଦଳରେ କାଠ ବ୍ୟବସାୟୀଙ୍କ ସହଯୋଗୀ ସାଜିଥିବା ପରି ମନେ ହେଉଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଜଙ୍ଗଲରୁ ମୂଲ୍ୟବାନ ଶାଳ,ଅଶନ,ମହୁଲ, ଚାର ଆଦି ପ୍ରାକୃତିକ ବୃକ୍ଷ ବିଲୁପ୍ତ ହେବାକୁ ବସିଛି। ଏହି ଜଙ୍ଗଲର ସୁରକ୍ଷା ପାଇଁ ରଗ ଛକରେ ଏକ ନୂତନ ବିଟ୍ ହାଉସ ନିର୍ମାଣ କରାଯାଇଥିଲା। ଜଣେ ଫରେଷ୍ଟର ସେଠାରେ ସ୍ଥାୟୀ ହୋଇ ରହିବା ସହିତ କେତେଜଣ କର୍ମଚାରୀ ମଧ୍ୟ ସେଠାରେ ରୀତିମତ ନିୟୋଜିତ ରହିବା କଥା। ହେଲେ ପ୍ରାୟ ଦେଢ଼ ବର୍ଷ ହେବ ସେଠାରେ ତାଲା ଝୁଲୁଛି। କେତେବେଳେ କେମିତି ସରକାରୀ ଅଧିକାରୀମାନେ ଆସୁଛନ୍ତି ପୁଣି ତାଲା ବନ୍ଦ କରି ଚାଲିଯାଉଛନ୍ତି। ଯେଉଁ ଉଦ୍ଦେଶ୍ୟରେ ବନବିଭାଗ ପକ୍ଷରୁ ଏହି ବିଟ୍ ହାଉସ ନିର୍ମାଣ ହୋଇଥିଲା ତାହା ଲକ୍ଷ୍ୟଚ୍ୟୁତ ହୋଇଛି। ବନଖଣ୍ଡ ଅଧିକାରୀଙ୍କୁ ପ୍ରଶ୍ନ କଲେ କର୍ମଚାରୀ ଅଭାବ କହି ଏଡାଇ ଯାଉଛନ୍ତି। ଯାଜପୁର ରୋଡ଼ ବନବିଭାଗର ଅଧିକାଂଶ କର୍ମଚାରୀ ଏବେ ଦାନଗଦି ବ୍ଲକ ତେଲିବାହାଳି ଅଞ୍ଚଳରେ ନିର୍ମାଣ ଚାଲୁଥିବା ପାର୍କରେ ନିଜର କାର୍ଯ୍ୟ ସୀମିତ ରଖିଛନ୍ତି। ଏଭଳି ସ୍ଥିତିରେ କୋରବନ୍ଦୀ ଶାଳ ଜଙ୍ଗଲଟି ରକ୍ଷଣାବେକ୍ଷଣ ଅଭାବରୁ ସଫା ହେବାକୁ ବସିଲାଣି। ବର୍ତ୍ତମାନ ଧାନ ଉଷାଇବା ପାଇଁ ବହୁ ଲୋକ ଶାଳ ଗଛ କାଟି ନେଉଛନ୍ତି। ଜାଳେଣି କାଠ ପାଇଁ ମଧ୍ୟ ବ୍ୟବସାୟୀମାନେ ଶାଳ ଗଛ କାଟି ବିକ୍ରି କରୁଛନ୍ତି। ପୂର୍ବରୁ ଗ୍ରାମବାସୀମାନଙ୍କ ଦ୍ୱାରା ସଂରକ୍ଷିତ ଥିବା ଏହି ଜଙ୍ଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଗତ କିଛି ବର୍ଷ ତଳେ ଯାଜପୁର ରୋଡ଼ ବନବିଭାଗ ହାତରେ ନ୍ୟସ୍ତ କରାଯାଇଥିଲା। ସେବେଠୁ ଜଙ୍ଗଲର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ୟଜନ୍ତୁମାନେ ମଧ୍ୟ ଜଙ୍ଗଲରେ ନିଜକୁ ଅସୁରକ୍ଷିତ ମଣି ଜନବସତି ମୁହାଁ ହେଉଥିବା ସହ ବିଭିନ୍ନ ସମୟରେ ଭାଲୁମାନେ ରାସ୍ତା ପାରି ହେଉଥିବା ସମୟରେ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଛନ୍ତି। ଜଙ୍ଗଲ ମଧ୍ୟରେ ପଶୁପକ୍ଷୀମାନଙ୍କ ପାଇଁ ପିଇବା ପାଣିର କୌଣସି ସୁବିଧା କରାଯାଇନାହିଁ। ଗତବର୍ଷ କିଛି ଦିନ ତଳେ ଏକ ହରିଣ ଛୁଆ ରାସ୍ତା କଡ଼ରେ ଥିବା ଏକ ପଥର ଛଇକୁ ପାଣି ପିଇବା ପାଇଁ ଯାଇ ବୁଲା କୁକୁରଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଥିଲା। ସେହିପରି ୨୦୨୦ରେ ଜାତୀୟ ରାଜପଥ ପାରି ହେଉଥିବା ସମୟରେ ଟ୍ରକ ଧକ୍କାରେ ୨ ଟି ମା ଓ ଛୁଆ ଭାଲୁର ମୃତ୍ୟୁ ହୋଇଥିଲା। ସେହିପରି କିଛି ଦିନ ତଳେ ରେଙ୍ଗାଲୀ ଷ୍ଟକୟାର୍ଡ ନିକଟରେ ଏକ ଛୁଆ ଭାଲୁର ମୃତ୍ୟୁ ଘଟିଥିଲା। ଏହି ଜଙ୍ଗଲରେ ବାସ କରୁଥିବା ବନ୍ୟପ୍ରାଣୀ ଯଥା ଭାଲୁ, ଠେକୁଆ, ହରିଣ, କୁଟାରୀ,ବାରହା ଆଦି ବନ୍ୟପ୍ରାଣୀ ଉକ୍ତ ଜଙ୍ଗଲରେ ନିଜକୁ ଅସୁରକ୍ଷିତ ମଣି ଗ୍ରାମାଞ୍ଚଳ ମୁହାଁ ହେଉଥିବା ପରିଲକ୍ଷିତ ହେଉଛି। କେତେବେଳେ ଭାଲୁ ଆକ୍ରମଣରେ ଲୋକେ ମୃତ୍ୟୁ ହେଉଛି ତ ଆଉ କେତେବେଳେ ଭାଲୁ ଲୋକଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏନେଇ ଯାଜପୁର ରୋଡ଼ ବନଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ କର୍ମଚାରୀ ଅଭାବରୁ ଏପରି ହେଉଥିବା ବେଳେ ଆଗକୁ ଏଥିପ୍ରତି ଆମେ ଯତ୍ନବାନ ହେବୁ ବୋଲି କହିଛନ୍ତି।

### ୬ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଲା

ବିଞ୍ଝାରପୁର,୪।୩ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟରେ ୬ ଜଣ ଅଧ୍ୟାପିକା ଅଧ୍ୟାପକଙ୍କୁ ନିଯୁକ୍ତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ସୋମବାର ନୂତନ ଅଧ୍ୟାପିକା ଅଧ୍ୟାପକଙ୍କୁ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁରେଖା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ରୋଜିନା ଡୁଙ୍ଗଡୁଙ୍ଗ, ଓଡିଆ ବିଭାଗର ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଜେନା, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଅଙ୍କିତା କେରକେଟା, ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ବିଶ୍ୱ ରଞ୍ଜନ ସାହୁ, ବାଣିଜ୍ୟ ବିଭାଗର ଅଧ୍ୟାପକ ପର୍ଶୁରାମ ନାୟକ, ଅର୍ଥନୀତି ବିଭାଗର ଅଧ୍ୟାପକ ବିଶ୍ୱରଞ୍ଜନ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଛାତ୍ରୀଛାତ୍ରମାନଙ୍କ ଶୃଙ୍ଖଳା, ଉତ୍ତମ ଚରିତ୍ର ଗଠନ, ପରୋପକାରିତା ସମେତ ପାଠ୍ୟକ୍ରମ ଆଦି କ୍ଷେତ୍ରରେ ସୁଦୃଢ କରିବାରେ ପାଇଁ ଅଧ୍ୟାପିକା ଅଧ୍ୟାପକଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ।

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ଉପରେ ଗୁରୁତ୍ୱ

**ପଞ୍ଚାୟତିରାଜ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଫେରାଦ**

ଧର୍ମଶାଳା,୪।୩ (ବଟକୃଷ୍ଣ ପରିଡା) :


ପୂର୍ବତନ ବିଧାୟକଙ୍କ ୨ ପୁଅ ପଞ୍ଚାୟତିରାଜ ଶାସନ ସଚିବଙ୍କ ସହ ଆଲୋଚନା କରୁଛନ୍ତି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ୨ବର୍ଷ ହେଲା ଜମି ଦେଲାଣି। ଜିଲ୍ଲା ପ୍ରଶାସନ ଦ୍ୱାରା ଉକ୍ତ ପ୍ରକଳ୍ପ ମଞ୍ଜୁର ହେବା ସହିତ ପ୍ରକଳ୍ପ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇ ସାରିଛି। ଆଜି କାଲି କହି ସମୟ ଗଡି ଚାଲିଥିବା ବେଳେ ନିର୍ମାଣ କାର୍ଯ୍ୟ ଏଯାଏ ଆରମ୍ଭ ହୋଇପାରିନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏହି ସ୍ୱର୍ଗଦ୍ୱାର ନିର୍ମାଣ ପ୍ରସଙ୍ଗକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଫେରାଦ ହୋଇଛନ୍ତି। ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ଏହି ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ସ୍ୱର୍ଗତ ରବି ଲାବଣ୍ୟ ଦୁଇପୁଅ ଜ୍ୟେଷ୍ଠ ପୁତ୍ର ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ଓ କନିଷ୍ଠ ପୁତ୍ର ଆଇନଜୀବି ଶ୍ୟାମପ୍ରସାଦ ଦାଶ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପ ପ୍ରମୁଖ ଶାସନ ସଚିବ ସୁଶିଲ କୁମାର ଲୋହାନିଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି। ଜାରକା ଅଞ୍ଚଳରେ ଶ୍ମଶାନ ନ ଥିବାରୁ ଜାରକା ତଥା ଆଖ ପାଖ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଆମ୍ଭର ପିତା ସ୍ୱର୍ଗତ ରବି ଲାବଣ୍ୟ ୨୦୨୧ରେ ଏଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବା ପାଇଁ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଧର୍ମଶାଳାରର ତହସିଲଦାର ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି। ପ୍ରକଳ୍ପ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହେବାର ୭ ମାସ ବିତିଯାଇଥିଲେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ନେଇ ଅବଗତ କରାଇବା ସହିତ ସୋମବାର ରାଜ୍ୟ ସଚିବାଳୟଠାରେ ପଞ୍ଚାୟତିରାଜ ଓ ପାନୀୟଜଳ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବା ପରେ ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଆବଶ୍ୟକ ପଡିଲେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ ଆଲୋଚନା ସମୟରେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିଓ ଟିକାକରଣ

ଧର୍ମଶାଳା,୪।୩ (ବଟକୃଷ୍ଣ ପରିଡା) :

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିଓ ନିରାକରଣ ନେଇ ପୋଲିଓ ଦିବସରୁ ଟୀକାକରଣ ଆରମ୍ଭ ହୋଇଛି। ଏହି କ୍ରମରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଲିଓ ଟୀକା ଦାନ ଓ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ୨୦୩୦୪ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବା ନେଇ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ଦିବସରେ ୧୮୧୨୨ଜର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଦ୍ୱିତୀୟ ଦିବସରେ ଟୀକାକରଣରେ ନିୟୋଜିତ କର୍ମୀମାନେ ଘର ଘର ବୁଲି ୮୪୨ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇଛନ୍ତି। ତୃତୀୟ ଦିବସରେ ୧୩୬୦ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ୟ କେନ୍ଦ୍ର ପକ୍ଷରୁ ପୋଲିଓ ଟୀକାକରଣ ପାଇଁ ୯୮ଗୋଟି ବୁଥ, ୩୯୨ ଟୀକାକରଣ କର୍ମୀ, ୧୮ଜଣ ସୁପରଭାଇଜର, ୧ଗୋଟି ଟ୍ରାଞ୍ଜିଟ ଟିମ୍ ଓ ୧ଟି ମୋବାଇଲ ଟିବ ନିୟୋଜିତ ହୋଇଥିବା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି କର୍ମୀ ଓ ନେତା।

ବିଞ୍ଝାରପୁର, ୪।୩ (ରାମକୃଷ୍ଣ ଦାସ):

ଦେଶରେ ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନକୁ ଆଖି ଆଗରେ ରଖି ବିଞ୍ଝାରପୁର ବିଜେଡି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି। ନିର୍ବାଚନ ମଇଦାନରେ ନିଜର ପତିଆରା ପାଇଁ ବିଜେଡିର ଛାମୁଆ ସଙ୍ଗଠନ ଅଣ୍ଟା ଭିଡିଛି। ଏହି ଅବସରରେ ବିଞ୍ଝାରପୁର ବିଜେଡିର ଛାତ୍ର, ଯୁବ,ମହିଳା ସଂଗଠନ ନିର୍ବାଚନ ପୂର୍ବରୁ ଆଗୁଆ ଘର ଘର ବୁଲି ସରକାରଙ୍କ ସମସ୍ତ ଜନହିତ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କୁ ଅଗତ କରିବା ସହିତ ବିଜେଡିକୁ ପୁଣି ଥରେ କ୍ଷମତାସୀନ କରିବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଶ୍ୟାମସୁନ୍ଦର ବେହେରାଙ୍କ ନେତୃତ୍ୱରେ ମାଁସଡା ଗ୍ରାମପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ.କେ. ବେହେରା, ବୁଦ୍ଧଦେବ ବେହେରା, ଦିଲୀପ ବେହେରା, ବ୍ରଜକିଶୋର ବେହେରା, ସୁବାସ ସାହୁ, ବିଜୟ ଚାନ୍ଦ, ପ୍ରମୋଦ ମିଶ୍ର, ପ୍ରଭାକର ସାହୁ, ଶିବ ପ୍ରସାଦ ବେହେର, ମାନସ ସାମିଲ, ମନୋଜ ସାହୁ, ସୁଦିପ୍ତ ପଣ୍ଡା, ଗଣେଶ ମିଶ୍ର, ବାପୁ ଦାସ, ରାମକୃଷ୍ଣ ମିଶ୍ର, ଗଙ୍ଗାଧର ଜେନା, ବିଜେଡି ଛାମୁଆ ସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ।

# ଯାଜପୁର ଜିଲ୍ଲା ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ମୂଳାପାଳ ଛକରୁ ଜିଲ୍ଲା ନିର୍ବାଚନ ପରିଚାଳନା ହେବ**

ରସୁଲପୁର,୪।୩(ରଞ୍ଜିତ ରାଉତ)


ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାଜେନ୍ଦ୍ରପୁର ପଞ୍ଚାୟତ ମୂଳାପାଳ ଛକଠାରେ ସୋମବାର ଯାଜପୁର ଜିଲ୍ଲା ଭାଜପା କାର୍ଯ୍ୟାଳୟ ଯୁବନେତା ଦେବେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟାଳୟରୁ ଯାଜପୁର ଜିଲା ଭାଜପା ଚଳିତ ସାଧାରଣ ନିର୍ବାଚନକୁ ପରିଚାଳନା କରିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟାଳୟରେ କେନ୍ଦ୍ର ଓ ରାଜ୍ୟର ବହୁ ଭାଜପା କାର୍ଯ୍ୟକର୍ତ୍ତା ଓ ନେତୃମଣ୍ଡଳି ଉପସ୍ଥିତ ରହି ନିର୍ବାଚନ ରଣନୀତି ପ୍ରସ୍ତୁତ କରିବାକୁ ଦଳ ଯୋଜନା କରିଛି। ଯାଜପୁର ଜିଲାର ୭ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଧର୍ମଶାଳା, ବରୀ, କୋରେଇ ଭଳି ୩ ପ୍ରମୁଖ ନିର୍ବାଚନ ମଣ୍ଡଳୀ କେନ୍ଦ୍ର ସ୍ଥଳି ବୋଲି କୁହାଯାଉଥିବା ଉକ୍ତ ସ୍ଥାନଟି କାର୍ଯ୍ୟାଳୟ ପାଇଁ ଏକ ଉପଯୋଗୀ ସ୍ଥାନ ବୋଲି ଦଳୀୟ ନେତୃମଣ୍ଡଳୀ ମନେକରି ଏଭଳି ନିଷ୍ପତି ନିଆଯାଇଛି ବୋଲି ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଯାଜପୁର ଜିଲ୍ଲା ଭାଜପା ସଭାପତି ଗୌତମ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସମ୍ପାଦକ ଶାରଦା ପସନ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଡ଼ ରବି ନାରାୟଣ ବେହେରା, ରାଜ୍ୟ ପରିଷଦ ସଦସ୍ୟ ତଥା କୋରେଇ ଭାଜପା ନେତା ବିଶ୍ୱଜିତ୍ ନାୟକ, ରାଜ୍ୟ ମୁଖପାତ୍ର ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ଭାଜପା ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସମଗ୍ର ଯାଜପୁର ଜିଲ୍ଲାକୁ ମୋଦିମୟ କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେଇ ନାରା ଦେଇଥିଲେ। ୩୫ନମ୍ବର ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତି ସଭାକାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବନେତା ମାନସ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଯୁବନେତା ଦେବେନ୍ଦ୍ର ଅତିଥିମାନଙ୍କୁ ରାଜପଥ ଉପରେ ସ୍ୱାଗତ କରିବା ସହ ଏକ ବିରାଟ ପଟୁଆରେ କାର୍ଯ୍ୟାଳୟ ସ୍ଥଳକୁ ପାଛୋଟି ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ ଯୋଗଦେଇ ଥିଲେ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ପାଣିକୋଇଲି,୪।୩ (ବିକାଶ କୁମାର ମଲ୍ଲିକ)

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଆର୍ବିଭାବ ମହୋତ୍ସବ ଓ ଭକଣ୍ଡରୀ ସତ୍‌ସଙ୍ଗ କେନ୍ଦ୍ରର ଉନତ୍ରିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କୋରେଇ ବ୍ଲକ କରଦା ପଞ୍ଚାୟତ ଭକଣ୍ଡରୀ ସତସଙ୍ଗ ପ୍ରାର୍ଥନା କେନ୍ଦ୍ରଠାରେ ଏହା ପାଳିତ ହୋଇଛି। ଆବାହକ ଅଚ୍ୟୁତାନନ୍ଦ ପତିଙ୍କ ଦ୍ୱାରା ପ୍ରତ୍ୟୁଷରୁ ଉଷା ମାଙ୍ଗଳିକ ଓ ନବହତ, ଉଷା କୀର୍ତନ, ଉଷା ବିନିତ ପ୍ରାର୍ଥନା ଓ ସଦଗ୍ରନ୍ଥାଦି ପାଠ, ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିକୃତି ବର୍ଡାର୍ଣ୍ଣ୍ୟ ଶୋଭାଯାତ୍ରା ପରେ ଦିତୀୟାର୍ଦ୍ଧରେ ସଙ୍ଗୀତାଞ୍ଜଳୀ ଓ ମାତୃ ସମ୍ମିଳନୀ, ସନ୍ଧ୍ୟା ବିନିତ ପ୍ରାର୍ଥନା, ସତସଙ୍ଗ ଓ ସଦାଲୋଚନା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମୂହ ପ୍ରସାଦ ସେବନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ରିତିକ ପ୍ରମୋଦ କୁମାର ଦାସ ଯୋଗଦେଇଥିଲେ। ନିଖିଳ ପ୍ରସାଦ ଗିରି ପ୍ରମୋଦ କୁମାର ଦାସ, କେଶବ ଚରଣ ପାଣି, ଦ୍ୟୁତିଦିବ୍ୟା ଦାସ, ଭାସ୍କର ସାହୁ, ନାରାୟଣ ମହାନ୍ତି, ଅଚ୍ୟୁତାନନ୍ଦ ସାହୁ, ବଟକୃଷ୍ଣ ଦାସ, ଦୟାନିଧି ସାହୁ, ଦୁର୍ଗାମାଧବ ପ୍ରସାଦ ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ବଡଚଣା,୪।୩(ଦିଲୀପ କୁମାର ମହାନ୍ତି):

ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲୋ ଗ୍ରାମପଞ୍ଚାୟତର ଡିହକରନ୍ଦାଠାରେ ଆଜାଦ କମ୍ୟୁନିଟି ସେଣ୍ଟରର ଉନ୍ନତିକରଣ, ହାଟକରନ୍ଦାଠାରେ ମମତା ଗୃହ ଉଦ୍‌ଘାଟନ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥପୁରଠାରେ ଗୋପାଳଜୀଉ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ କହିଲେ ବନ୍ଧାଲୋ ପଞ୍ଚାୟତର ବିକାଶ ପାଇଁ ବହୁ ଯୋଜନାମାନ କରାଯାଇଅଛି। ଏଥିସହ ୫-ଟି ମାଧ୍ୟମରେ ଗୋପାଳ ଜୀଉ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ବେଶ ଉଚ୍ଚମାନର ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ଦକ୍ଷତା ପ୍ରକାଶ କରିଥିବାରୁ ବିଧାୟକ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚଙ୍କ ପ୍ରତିନିଧି ଅଜୟ ବିଶାଳ, ସମିତି ସଭ୍ୟା ଖୁଲଣା ରାଉତ, ନିରଞ୍ଜନ ସେନାପତି, ଗନ୍ଧର୍ବ ବିଶାଳ, ନାରାୟଣ ଓଝା ପ୍ରମୁଖ ଯୋଗଦେଇ ପଞ୍ଚାୟତ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଶକଲ୍ୟାଣୀମୟୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରହ୍ଲାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧୀରେନ୍ଦ୍ର ମଲ୍ଲିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶାଳ, ସୁଶାନ୍ତ ଧଳ, ଅବିନାଶ ମହାନ୍ତି, ଅମିନ ନାୟକ, ଚନ୍ଦ୍ରମଣି ଓଝା, ବଟକୃଷ୍ଣ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।। ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଶିକ୍ଷୟିତ୍ରୀ ପ୍ରଭାସିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଗୋପାଳ ଜୀଉ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଜାହାଜକୁ ଯିବା ବେଳେ ଗୋମାଂସ ଧରିଲା ପୋଲିସ
### ୧୬୩ କେଜି ମାଂସ, ଗାଡି ଜବତ, ଚାଳକ ଗିରଫ



ପାରାଦୀପ,୪।୩(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ପୋଲିସ ସୋମବାର ଏକ ଗୋମାଂସ ବୋଝେଇ ଗାଡ଼ିକୁ ଜବତ କରିଛି। ସେଥିରୁ ୧୬୩ କେଜି ଗୋମାଂସ ଥିବା ପୋଲିସ ସୂଚନା ଦେଇଛି। ଏ ନେଇ ମାମଲା (ନଂ.୬୩/୨୪) ରୁଜୁ କରାଯିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋମାଂସ ନଷ୍ଟ କରିବା ପାଇଁ ବିଚାରପତିଙ୍କ ଅନୁମୋଦନ ପାଇଁ ପୋଲିସ ଆବେଦନ କରିଛି। ମଙ୍ଗଳବାର ଅନୁମୋଦନ ମିଳିଲା ପରେ ପାରାଦୀପ ପୌରପରିଷଦ ଜରିଆରେ ମାଂସକୁ ବ୍ୟବସ୍ଥିତ ଜରିଆରେ ନଷ୍ଟ କରାଯିବ ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି। ଉକ୍ତ ଗାଡ଼ି (ଏପି ୩୯ ଭିସି ୧୯୯୮)ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ପାରାଦୀପ ଆସିଥିଲା। ତନୁ ଶିପିଂ ପକ୍ଷରୁ ଏହି ମାଂସ ଏକ ଜାହାଜରେ ଦିଆଯାଇଥାନ୍ତା ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଗୋମାଂସ ସହ ଉକ୍ତ ଗାଡ଼ି ଭିତରେ ପରିବା ଫଳ, ଆଦି ରହିଥିଲା। ଏକ ସୋଲ ପେଟି ମଧ୍ୟରେ ମାଂସ ଖଣ୍ଡ ରଖାଯାଇ ସେଥିରେ ବରଫ ଦିଆଯାଇ ସିଲ କରାଯାଇଥିଲା। ଗେଟ ପାଖରେ ଗୋମାଂସ ଗନ୍ଧ ହେବାରୁ ଜଣେ ବ୍ୟକ୍ତି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଯାଞ୍ଚ କରିବାରେ ଗୋମାଂସ ଚାଲାଣ ହେଉଥିବା ଜଣାପଡ଼ିଥିଲା।

### ଇଫକୋ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ,୪।୩(ଶରତ ରାଉତ)

ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ସୋମବାର ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ କାରଖାନା ବାଷ୍ପିତ ବିଭାଗର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋ ୟୁନିଟ ମୁଖ୍ୟ କେ.ଜେ ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଇଫ୍‌କୋ ଶୂନ ଦୁର୍ଘଟଣା ଉପରେ ସବୁ ସମୟରେ କାମ କରୁଛି ବୋଲି ପଟେଲ ଏହି ଅବସରରେ କହିଥିଲେ।

### ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର

ପାରାଦୀପ,୪।୩(ଶରତ ରାଉତ)

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନ ପକ୍ଷରୁ କେନ୍ଦ୍ରାପଡ଼ାର ମହାକାଳପଡ଼ା ବ୍ଲକରେ ସୋମବାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଛି। କମ୍ପାନୀର ସିଏସ୍‌ଆର ଅଧୀନରେ ୧୧ ଗ୍ରାମର ୧୬୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ ବିଶେଷଜ୍ଞ ଡା.ସ୍ତ୍ରୀ ଓ ପ୍ରସୂତୀ, ଚର୍ମ, ଚକ୍ଷୁ, ଶିଶୁ ଓ ମେଡିଶିନ ବିଭାଗର ରହିଛନ୍ତି। ମହାକାଳପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ନୀରଞ୍ଜନ ଷଡ଼ଙ୍ଗୀଙ୍କ ସମେତ କମ୍ପାନୀର ଅଧିକାରୀ ବିକାଶ ୟାଦଭେନ୍ଦୁ, ସଞ୍ଜୀବସିଂହଓଅନ୍ୟମାନେଉପସ୍ଥିତଥିଲେ।

# ମେଡିକାଲ କଲେଜ ଖୋଲିବା ଦାବିରେ ଗଣ ବିକ୍ଷୋଭ

ଏରସମା,୪।୩ (ଦୀପ୍ତି ଖଣ୍ଡୁଆଳ)




ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଏରସମା ତହସିଲ ସମ୍ମୁଖରେ ଗଣବିକ୍ଷୋଭ କରାଯାଉଛି।

ଜଗତ୍‌ସିଂହପୁରରେ ମେଡିକାଲ କଲେଜ ଖୋଲିବା ଦାବିରେ ସୋମବାର ଜଗତ୍‌ସିଂହପୁର ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଏରସମା ତହସିଲ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବାସୁଦେବଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ସ୍ଥାନୀୟ ପୂର୍ତ୍ତବିଭାଗ ଡ଼ାକବଙ୍ଗଳାରୁ ବାହାରି ଏରସମା ବଜାର ପରିକ୍ରମା କରିବା ପରେ ତହସିଲ ସମ୍ମୁଖସ୍ଥ ସଭାସ୍ଥଳରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବାସୁଦେବ ସଭାପତିତ୍ୱ କରି କହିଥିଲେ, ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବାରମ୍ବାର ଆନ୍ଦୋଳନ କରାଯାଉଛି। ଏଥିସହ ଜିଲାରେ ଲୋକ ସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାଛଡ଼ା ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ମଧ୍ୟ ଅଛି। ଏହାସତ୍ତ୍ୱେ ଲୋକ ପ୍ରତିନିଧିମାନେ କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ସିପିଆଇ ନେତା ଶଶୀଭୂଷଣ ସ୍ୱାଇଁ, ନବନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ପ୍ରସନ୍ନ କୁମାର କୁଅଁର, ଦେବୀ ପ୍ରସାଦ ମହାରଣା, ସଚେତନ ନାଗରିକ ମଞ୍ଚର ସଭାପତି ପ୍ରୀର ପଣ୍ଡା, ନିବାରଣ ନାୟକ, ମାନସ କୁମାର ସ୍ୱାଇଁ, ଭାଜପା ନେତା ନୃସିଂହ ସାହୁ, ନିର୍ଲିପ୍ତ ଜେନା, ଧୀରେନ୍ଦ୍ର ଚୌଧୁରୀ, ଉମାକାନ୍ତ ତରାଇ, ଆମ ଆଦମୀ ପାର୍ଟି ଜିଲା ସଂଯୋଜକ ଅନୁପମା ସେଠୀ, ବଳରାମ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ମେଡିକାଲ କଲେଜର ଆବଶ୍ୟକତା ଓ ରାଜନେତାଙ୍କ ଇଚ୍ଛାଶକ୍ତି ଉପରେ ବକ୍ତବ୍ୟ ଦେଇଥିଲେ। ଏହା ଉପରେ ଆଧାରିତ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ପରେ ମେଡିକାଲ କଲେଜ ଖୋଲିବା ସହ ଜିଲା ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଟକ ସ୍ଥାନାନ୍ତର ନକରିବାକୁ ନେଇ ଏକ ଦୁଇ ଦଫା ସମ୍ବଳିତ ଦାବିପତ୍ର କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଏରସମା ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ୧୫ ଦିନରେ ପୂରଣ କର

## ଧାରଣା ପାଇଁ ଚେତାବନୀ ଦେଲା ସ୍ୱାଭିମାନ ସଚେତନ ନାଗରିକ ରଘୁନାଥପୁର ସଙ୍ଗଠନ

ରଘୁନାଥପୁର,୪।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କଟକ ପାରାଦୀପ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ୱାଭିମାନ ସଚେତନ ନାଗରିକ ରଘୁନାଥପୁର ସଙ୍ଗଠନ ପକ୍ଷରୁ ସୋମବାରର ୫–ଟି ଅଧ୍ୟକ୍ଷ, ମୁଖ୍ୟ ଶାସନସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ବିଭାଗ, ଜିଲାପାଳ ଓ ଜିଲାସ୍ତରୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। ଦାବିପତ୍ର ପାପ୍ତ ହେବାର ୧୫ ଦିନ ମଧ୍ୟରେ କୌଣସି ସୁଫଳ ନ ମିଳିଲେ ବାଧ୍ୟହୋଇ ଅଞ୍ଚଳର ବୁଦ୍ଧିଜୀବୀମାନେ ମୁହଁରେ କଳାଫିତା ବାନ୍ଧି ମେଡିକାଲ ସମ୍ମୁଖରେ ଧାରଣାରେ ଦେବେ ବୋଲି ସାମାଜିକ କର୍ମୀ ସରିତ ମହାପାତ୍ର ଚେତାବନୀ ଦେଇଛନ୍ତି। ତାଙ୍କ ଦାବି ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଡାକ୍ତରଙ୍କ ନାମ ସହ ଫୋନ ନମ୍ବର, ସେବା ସମୟ ଓ ସେମାନଙ୍କ ବିଭାଗ ସମ୍ପର୍କରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ମେଡିକାଲ ସମ୍ମୁଖ ଫଳକରେ ସୂଚିତ କରିବା,




ଡାକ୍ତରଙ୍କ ସହ ସମସ୍ତ କର୍ମଚାରୀଙ୍କ ପାଇଁ ବାଇଓମେଟ୍ରିକ ପଦ୍ଧତି ଆପଣେଇବା, ଆବଶ୍ୟକ ଡାକ୍ତର ଓ ପାରାକର୍ମଚାରୀ ନିଯୁକ୍ତି କରିବା, ରାତ୍ର ସମୟରେ ଜରୁରୀକାଳୀନ ସେବା ଉପଲବ୍ଧ କରାଇବା ପାଇଁ ୨ ଜଣ ଡାକ୍ତର ,୨ ଜଣ ନର୍ସ ଓ ଆବଶ୍ୟକ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିବା, ଆସୁଥିବା ରୋଗୀଙ୍କୁ ବାହାରକୁ ପରୀକ୍ଷା ପାଇଁ ନ ପଠାଇ ମେଡିକାଲର ଟେକ୍ନିସିଆନଙ୍କ ଦ୍ୱାରା କରାଯିବା ଓ ମାନୁଆଲ ବିପି ମେଶିନ ଓ ଇସିଜି ମେଶିନ ଜରୁରୀକାଳୀନ ଭିତ୍ତିରେ ଯୋଗାଇଦେବା ଆଦି ପ୍ରମୁଖ ରହିଛି। ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୨୪ରେ ରଘୁନାଥପୁର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ରୋଗୀକଲ୍ୟାଣ ସମିତି ବୈଠକରେ ତିର୍ତ୍ତୋଲ ବିଧାୟକଙ୍କ ଉପସ୍ଥିତିରେ ଉପରୋକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଖୁବଶୀଘ୍ର କିଛି ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଦାବିଗୁଡ଼ିକୁ ପୂରଣ କରିବା ପାଇଁ ହେମନ୍ତ କୁମାର ସାହୁ, ଅଶୋକ ମହାରଣା,ସଞ୍ଜୀବ ଦାସ, ନିଶିକାନ୍ତ ନାୟକ, ସୁନୀଲ କୁମାର ମଣ୍ଡଳ, ରାଜକିଶୋର ବେହେରା, ସଞ୍ଜୟ କୁମାର ପରିଡା, ରାଜେଶ ସ୍ୱାଇଁ, ଉମାକାନ୍ତ ପାତ୍ର, ସାଗର ମଲ୍ଲିକଙ୍କ ସମେତ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ପତ୍ର ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ନୁନୁ ଜେନା ହେଲେ ପିଡିଏ ଅଧ୍ୟକ୍ଷ
#### ବିଜେଡି ଟିକେଟ୍ ଦୌଡ଼ରୁ ବାଦ୍ ପଡ଼ିଥିବା ଚର୍ଚ୍ଚା

ପାରାଦୀପ,୪।୩(ଶରତ ରାଉତ)

ପାରାଦୀପ ବିଧାନସଭା ଆସନ ପାଇଁ ଅନ୍ୟତମ ଆଶାୟୀ ଇଂ.ପ୍ରମୋଦ କିଶୋର ଜେନା(ନୁନୁ)ଙ୍କୁ ସୋମବାର ସନ୍ଧ୍ୟାରେ ରାଜ୍ୟ ସରକାର ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ)ର ଅଧ୍ୟକ୍ଷ ପଦରେ ଥଇଥାନ କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ଅର୍ଡର (ନଂ.୫୪୬୮) ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରିକରାଯାଇଛି। ପୂର୍ବରୁ ଏହି ପଦବୀରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଥିଲେ। ସୂଚନାଯୋଗ୍ୟ, ପାରାଦୀପ ଆସନ ପାଇଁ ବିଜେଡିର ଅନ୍ୟତମ ଦାବିଦାର ଦେବାଶିଷ ସାମନ୍ତରାୟଙ୍କୁ ଦଳ ରାଜ୍ୟ ସଭା ସଦସ୍ୟ କରିସାରିଛି। ଏବେ ଏହି ଦୌଡ଼ରେ ବର୍ତ୍ତମାନ ବିଧାୟକ ସମ୍ବିତ ରାଉତରାୟ ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଜେନାଙ୍କୁ ପଚାରିବାରେ କୁହନ୍ତି, ହଁ ଏକପ୍ରକାର ମୋତେ ଟିକେଟ୍ ଦୌଡ଼ରୁ ବାଦ୍ ଦିଆଗଲା ବୋଲି ଭାବୁଛି। ତେବେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେବେଳେ ଯେଉଁ ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ବହନ କରିବି।

# ପିସିଏଲ୍ ଲାଗି ଖେଳାଳି ନିଲାମ

ପାରାଦୀପ,୪।୩(ଶରତ ରାଉତ)

ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ୍)ପାଇଁ ସୋମବାର ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ସ୍ଥାନୀୟ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୧୫୮ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଅମିତ କୁମାର ସାହୁଙ୍କ ମୂଲ୍ୟ ସର୍ବାଧିକ ୧୪ ହଜାର ଟଙ୍କା ହୋଇଛି। ଦ୍ୱିତୀୟ ସର୍ବାଧିକ ମୂଲ୍ୟ ସଦ୍ୟ ରଣଜୀ ଦଳରେ ସ୍ଥାନ ପାଇଥିବା ଜାମଳାଭଞ୍ଜନ ମହାପାତ୍ରଙ୍କ ରହିଛି। ତାଙ୍କ ମୂଲ୍ୟ ୧୧ ହଜାର ୫୦୦ ଟଙ୍କା ଓ ତୃତୀୟ ସର୍ବାଧିକ ମୂଲ୍ୟ କେଶବ ନେଗୀ ୧୧ ହଜାର ଟଙ୍କା ମୂଲ୍ୟରେ ବିକ୍ରି ହୋଇଛନ୍ତି। ଉକ୍ତ ପିସିଏଲ୍ ଆସନ୍ତା ୨୯ରୁ ଆରମ୍ଭ ହେବ ଏବଂ ତାହା



ପିସିଏଲ୍ ଲାଗି ଖେଳାଳି ଚୟନ କରାଯାଉଛି।

୧୦ ଦିନ ଧରି ଚାଲିବ। ଏହି କ୍ରିକେଟ୍ ଟୁର୍ନାମେଣ୍ଟ ଆଇପିଏଲ ଭଳି ହେବ। ନିଲାମ ପ୍ରକ୍ରିୟାରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୭ଟି ଦଳ ପାଇଁ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏହି ଦଳଗୁଡ଼ିକ ହେଲା ପାରାଦୀପ ସୁପରକିଙ୍ଗ, ସାଣ୍ଡବିଚ ପାଥର୍ସ, ବାବାସାଇ ଯୋଦ୍ଧା, ଜିଡିସି ବ୍ଲାଷ୍ଟର, ଜିପିସିଏଲ ଇଲେରୋ, ଶ୍ରୀରାମ ସ୍ପୋର୍ଟିଂ ଓ ମହାକାଳ ୱାରିୟର୍ସ। ପିସିଏଲ ସଭାପତି ରବି ଦାସ, ସମ୍ପାଦକ ଜୁନିତ୍ ଦାସ, ଉପସଭାପତି ଅକ୍ଷୟ ଚନ୍ଦ୍ର ସୂତାରଙ୍କ ଉପସ୍ଥିତିରେ ଖେଳାଳି ଚୟନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୧୯ ଜଣ ଖେଳାଳିଙ୍କୁ କ୍ରୟ କରାଯାଇଛି। ମ୍ୟାଚ ୨୫ ଓଭର ବିଶିଷ୍ଟ ହେବ। ମଧୁବନ ଏନ୍‌ଏସି ଗ୍ରାଉଣ୍ଡ ଗୋପବନ୍ଧୁ ଷ୍ଟାଡିୟମରେ ଏହାକୁ ଆୟୋଜନକରାଯିବବୋଲିସୂଚନାମିଳିଛି।

### ଅଭ୍ୟାସ ପରିବର୍ତ୍ତନରେ ଅନେକ ଦୁର୍ଘଟଣା ରୋକାଯାଇପାରିବ
#### ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ,୪ ।୩(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ୫୩ତମ ଜାତୀୟ ସୁରକ୍ଷା ଦିବସ ଏବଂ ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ବଡ଼ପଡିଆ ୪ନଂ. ଗେଟ ପାଖରେ ଆୟୋଜିତ ଏକ ସଚେତନତା ରାଲିକୁ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଉଦ୍‌ଘାଟନ କରି କହିଥିଲେ, ଆମେ ଦୈନନ୍ଦିନ ଜୀବନରେ ଅନେକ ଅଭ୍ୟାସଗତ ଭୁଲ କରିଥାଉ। ଏହାକୁ ପରିବର୍ତ୍ତନ କଲେ ଅନେକ ଦୁର୍ଘଟଣା ରୋକାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମାମାଲି



@ ନାରାୟଣ



@ ରାଜକୁମାର



@ ଶୁଭାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ତିର୍ତ୍ତୋଲ,୪।୩ (ଗୌରାଙ୍ଗ ଚରଣ ସ୍ୱାଇଁ)

**୩୩ ଅଭିଯୋଗର ତତ୍କାଳ ଫଇସଲା**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏହି ଶିବିରରେ ସମୁଦାୟ ୧୩୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ପାରୁଲ ପଟୱାରି ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବରରେ ବ୍ୟକ୍ତିଗତ ସମସ୍ୟା ୧୩୦, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୮ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ ସମସ୍ୟା, ଆବାସ ଯୋଜନା, ଜମିଜମା ସମସ୍ୟା, ଭତ୍ତା ବଣ୍ଟନ, ପୋଲିସ ସହାୟତା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଓ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇଥିଲା। ଏହି ଅବସରରେ ୩୩ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହିମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରାହୁଲ ପି,ଆର୍, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ବିଡିଓ ତପନ କୁମାର ସେନାପତି, ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ମା, ମାଟିର ସମ୍ମାନ ବୃଦ୍ଧି ଲାଗି ସମସ୍ତେ ଯତ୍ନବାନ ହୁଅନ୍ତୁ'



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରୁଛନ୍ତି।

ତିର୍ତ୍ତୋଲ, ୪।୩ (ଗୌରାଙ୍ଗ ଚରଣ ସ୍ୱାଇଁ)

ମା,ମାଟି ଓ ମାତୃଭାଷାର ସମ୍ମାନ ବୃଦ୍ଧି ଲାଗି ସମସ୍ତେ ଯତ୍ନବାନ ହେବା ଉଚିତ। ଏତିକି କରିପାରିଲେ ଆମ ଶିକ୍ଷା ଗ୍ରହଣ ସାର୍ଥକ ହୋଇପାରିବ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ। ତିର୍ତ୍ତୋଲ ଆଦି କବି କଲେଜ ପରିସରରେ ନୂତନ ବିଲ୍ଡିଂର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସେ ଯୋଗ ଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ପରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ପରିଚାଳନା ସମିତି ସଭାପତି ବିମଳକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲର ପୂର୍ବତନ ବିଧାୟିକ ତଥା ରାଜ୍ୟସଭା ଏମପି ଦେବାଶିଷ ସାମନ୍ତରାୟ, ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅତିଥିମାନେ କଲେଜର କୃତି ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ସଦାଶିବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମମତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବିଧାୟକଙ୍କ ବିରୋଧରେ ଏକାଠି ହେଲେ ଦଳୀୟ କର୍ମୀ

କୁଜଙ୍ଗ,୪।୩ (ମନୋଜ ପ୍ରଧାନ)




ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡିରେ କନ୍ଦଳ ଦେଖିବାକୁ ମିଳିଛି। ସୋମବାର ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ କୁଜଙ୍ଗରେ ସମାବେଶ କରି ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଆଗାମୀ ନିର୍ବାଚନରେ ବିଧାୟକ ରାଉତରାୟଙ୍କୁ ପ୍ରାର୍ଥୀ କରାଗଲେ ବିଜେଡି ଏଠାରେ ତାସ ଘର ଭଳି ଭୁଶୁଡ଼ି ପଡ଼ିବ। ତେଣୁ ତାଙ୍କୁ ଟିକେଟ୍ ଦିଆ ନ ଯାଉ ବୋଲି ସେମାନେ ଦାବି କହିଛନ୍ତି। କୁଜଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତା ଓ ଜିଲା ବିଜେଡି ସାଧାରଣ ସମ୍ପାଦକ ସଂଗ୍ରାମ ମନ୍ତ୍ରୀଙ୍କ ସଂଯୋଜନାରେ ପରିଚାଳିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପାରାଦୀପ ପୌରପାଳ ତଥା ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଯୋଗଦେଇଛନ୍ତି। ଏହି ଅବସରରେ ବିଶ୍ୱାଳ କହିଛନ୍ତି, ଦୁର୍ବଳ ନେତୃତ୍ୱ ଓ ବିଧାୟକଙ୍କ ଅପାରଗତା ଯୋଗୁ ଶିଳ୍ପ ସମୃଦ୍ଧ ପାରାଦୀପ ନିର୍ବାଚନମଣ୍ଡଳୀର ଯୁବତୀଯୁବକମାନେ କର୍ମନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କେନ୍ଦ୍ରୀୟ ଶିଳ୍ପ ସଂସ୍ଥାମାନେ ସ୍ଥାନୀୟ ଦାବିକୁ ଉପେକ୍ଷା କରିଚାଲିଛନ୍ତି। ବିଧାୟକଙ୍କ ଅପାରଗତା ପାଇଁ ଆମ୍ଭେ ସ୍ୱର ଉତ୍ତୋଳନ କରିବାକୁ ସକ୍ଷମ ହୋଇପାରୁନାହୁଁ। ଗୋପିଆକୁଦ ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ନନ୍ଦିନୀ ପଣ୍ଡା ଅଭିଯୋଗ କରିଛନ୍ତି, ବିଧାୟକ ତାଙ୍କୁ ପଦ ପଦବୀ ଦେବା ଲୋଭଦେଖାଇ ପାଖକୁ ଡାକି ଅପମାନିତ କରିଛନ୍ତି। ସମାବେଶରେ ଯୋଗଦେଇଥିବା ଅନ୍ୟ ଜଣେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ ମହାପାତ୍ର କହିଛନ୍ତି, ଦୁର୍ବଳ ସେନାପତିଙ୍କୁ ନେଇ ଶତ୍ରୁପକ୍ଷ ସହ ଲଢ଼େଇ କରାଯାଇ ପାରେନା। ବିଧାୟକ ରାଉତରାୟ ବିଜେଡିର ଜଣେ ଦୁର୍ବଳ ସେନାପତି। ତାଙ୍କୁ ବଦଳାଇ ଅନ୍ୟଜଣେ ଶକ୍ତିଶାଳୀ ସେନାପତିଙ୍କୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ବିଜେଡି ସଭାପତିଙ୍କୁ ସେ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଇଲୋ

- ଟିକେଟ୍ ନ ଦେବାକୁ ଦାବି କଲେ
- ସଙ୍ଗଠନରୁ ଦୂରେଇ ରହିଥିବା ବ୍ୟକ୍ତିଙ୍କ ଭେଳିକି: ସମ୍ବିତ

ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର ଦାସ, ଅଗପାଳର ସରପଞ୍ଚ ବିପିନ ବିଶ୍ୱାଳ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପସଭାପତି ଗୋଲେଖ ନାୟକ, ପାଟପୁରର ଭାଜପା ସମର୍ଥିତ ସରପଞ୍ଚ କିଶୋର ବେଉରା, ନାରିନେତ୍ରୀ ସବିତା ମହାପାତ୍ର, ପାରାଦୀପର ଯୁବନେତା ଉଲ୍ଲାସ ବିଶ୍ୱାଳ, ଜ୍ୟୋତିକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ବିଧାୟକ ରାଉତରାୟଙ୍କୁ ବିରୋଧ କରିଛନ୍ତି । କୁଜଙ୍ଗର ପୂର୍ବତନ ସରପଞ୍ଚ ଭାରତ ଭୂଷଣ ନାୟକ ବିଜେଡିର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଛନ୍ତି, ଯେଉଁମାନେ କ୍ଷମତାରୁ ଯିବାପରେ ଦଳୀୟ ସଙ୍ଗଠନଠାରୁ ଦୂରେଇ ରହିଥିଲେ, ସେହିମାନେ ଏଭଳି ଭେଳିକି କରୁଛନ୍ତି। ମହିଳା ନେତ୍ରୀ ଜଣକ ଯେଉଁ ଅଭିଯୋଗ କରିଛନ୍ତି, ତାହା ଅମୂଳକ। ସେ ଚାହୁଁଥିଲେ ଆମ୍ବାର ଅଧ୍ୟକ୍ଷା ହେବା ପାଇଁ। ମୁଁ ମଧ୍ୟ ତାଙ୍କୁ ସହଯୋଗ କରିଥିଲି। କିନ୍ତୁ ସଭ୍ୟାସଭ୍ୟ ବିରୋଧ କରିବାରୁ ଅନ୍ୟଜଣେ ଅଧ୍ୟକ୍ଷ ହେଲେ। ସେହି ରାଗରେ ସେ ମୋ ପ୍ରତି ଏଭଳି ମନ୍ତବ୍ୟ ଦେଇଛନ୍ତି। ଯେଉଁମାନେ ଅଣଦେଖା ପ୍ରସଙ୍ଗ ଉଠାଉଛନ୍ତି, ସେମାନେ କିଭଳି ବିଧାୟକଙ୍କ ନିକଟତର ହେବେ ସେଥିପାଇଁ ଏଭଳି ପଥ ବାଛି ନେଇଛନ୍ତି। ଅପରପକ୍ଷେ ବ୍ଲକ ବିଜେଡି ତରଫରୁ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଦଳୀୟ ବିଶୃଙ୍ଖଳାକୁ ନିନ୍ଦା କରାଯାଇଛି। ଦଳୀୟ ଅନୁଶାସନକୁ ଭୁଲି ଯେଉଁମାନେ ବିଧାୟକଙ୍କୁ ଅପାରଗ କହିଛନ୍ତି, ସେମାନଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯିବ ବୋଲି ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା କହିଛନ୍ତି। ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସାଇଲୋ ସରପଞ୍ଚ ସରୋଜ ସେଠୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଭାସ ରଞ୍ଜନ ଗୁରୁ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନତି, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ସମିତି ସଭ୍ୟ ନଟବର ରାଉତ, ଭାରତ ଭୂଷଣ ଦାସ, ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ବ୍ରାଉନସୁଗାର ଅରାଜକତା ବଢ଼ାଉଛି

ନୟାଗଡ଼,୪।୩(ଲୋକନାଥ ମିଶ୍ର)

- ଘରେ କନ୍ଦଳ, ବାହାରେ କରାଉଛି ଲୁଟ୍, ଚୋରି
- ନୟାଗଡ଼ ଜିଲା ବ୍ୟବସାୟର ପେଣ୍ଠସ୍ଥଳୀ
- ଫସୁଛନ୍ତି କଲେଜ ଛାତ୍ର, ଅନ୍ଧାରରେ ମା'ବାପା
- ରୋଜଗାର ଲୋଭ ନଷ୍ଟ କରାଉଛି ଭବିଷ୍ୟତ

ନୟାଗଡ଼ ଜିଲାରେ ବ୍ରାଉନସୁଗାର କାରବାର ଅରାଜକତା ବଢ଼ାଇ ଚାଲିଛି। ନିଶା କବଳରେ ପଡ଼ି ସାରିବା ପରେ ଶାନ୍ତ ସ୍ୱଭାବର ପିଲା, ଯୁବକ ଓ ସାଧାରଣ ଲୋକ ବ୍ରାଉନସୁଗାର ଖାଇବାକୁ ହିଂସ୍ର ହୋଇ ଉଠୁଛନ୍ତି। ସେମାନଙ୍କ ପାଖରେ ମାନବିକତା ଓ ଭାଇଚାରା ହଜି ଯାଉଛି। ନିଶା ସେବନ ପାଇଁ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଘରେ କନ୍ଦଳ କରି ଟଙ୍କା ଆଣୁଛନ୍ତି। ଘରୁ ଟଙ୍କା ନ ମିଳିଲେ ଚୋରି, ଲୁଟ୍, ଡକାୟତି କରିବାକୁ ପଛ ଘୁଞ୍ଚା ଦେଉନାହାନ୍ତି। ଜିଲାର ଅବକାରୀ ବିଭାଗ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ ଟାଉନ ଥାନା ନିକଟସ୍ଥ ଟେଲିଫୋନ ଭବନ, ନୟାଗଡ଼ ଟାଉନ ରେଳ ଷ୍ଟେଶନ, ରାଜୀବ ମାର୍କେଟ, ଏସ୍‌ପିଙ୍କ କାର୍ଯ୍ୟାଳୟ ପାଖ ସହ ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ଏହି ବ୍ୟବସାୟ ଭଲରେ ଚାଲିଛି। ପୁଣି ଜିଲାର ୮ଟି ବ୍ଲକ ରଣପୁର, ନୟାଗଡ଼, ଭାପୁର, ଖଣ୍ଡପଡ଼ା, ଦଶପଲ୍ଲା, ଗଣିଆ, ନୂଆଗାଁ, ଓଡ଼ଗାଁ ସମେତ ୪ ସହରାଞ୍ଚଳରେ ଏହା ଅବାଧରେ ମିଳୁଛି। ଏହି ପରିପ୍ରେକ୍ଷୀରେ ବ୍ରାଉନସୁଗାର ବ୍ୟବସାୟର ପେଣ୍ଠସ୍ଥଳୀ ପାଲଟି ଥିବା ନୟାଗଡ଼ ଜିଲାରେ କଲେଜ ଛାତ୍ରଙ୍କ ଭବିଷ୍ୟ ତବେଶୀ ନଷ୍ଟ ହେବାରେ ଲାଗିଛି। ରୋଜଗାର ଲୋଭ ସେମାନଙ୍କୁ ବିପଥଗାମୀ କରାଉଛି। କେତେଜଣ ଛାତ୍ର ବ୍ରାଉନସୁଗାରକୁ ପାର୍ଟ ଟାଇମ ରୋଜଗାରର ମାଧ୍ୟମ କରି ସହପାଠୀ ଓ ଅନ୍ୟମାନଙ୍କୁ ନିଶାଡି କରି ସାରିଲେଣି। ସବୁଠାରୁ ଉଦ୍‌ବେଗର ବିଷୟ କେତେଜଣ ଅବକାରି ବିଭାଗର କର୍ମଚାରୀ ଏହି ବ୍ୟବସାୟରେ କଲେଜ ଛାତ୍ରଙ୍କୁ ମୋହରା କରି ବ୍ୟବହାର କରାଉଥିବା ଅଭିଯୋଗ ରହିଛି। ମା' ବାପା ପୁଅଙ୍କ ନିଶା ସେବନ ସମ୍ପର୍କରେ ଜାଣି ପାରୁନାହାନ୍ତି। ଏଭଳିସ୍ଥଳେ ଜିଲାର ଅବକାରୀ ବିଭାଗ ଓ ବିଭିନ୍ନ ପୋଲିସ ଥାନା ପକ୍ଷରୁ କାଁ ଭାଁ ଚଢ଼ାଉ କରି ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି ଡିଣ୍ଡିମ ପିଟୁଛି। ଏ ଦିଗରେ ପୋଲିସ ଓ ଅବକାରୀ ବିଭାଗରର କାର୍ଯ୍ୟ ନୈରାଶଜନକ।

ନୟାଗଡ ଜିଲାରେ ଖୋର୍ଦ୍ଧା ଜିଲାର ବ୍ରାଉନସୁଗାର ବ୍ୟବସାୟୀଙ୍କ ଦବଦବା ରହିଛି। ପ୍ରତ୍ୟେହ ଜିଲାର ବିଭିନ୍ନ ବ୍ଲକ, ସହର, ବଜାରକୁ ଖୋର୍ଦ୍ଧାର ଯୁବକମାନେ ଆସି ବ୍ୟବସାୟ କରି ଫେରି ଯାଉଛନ୍ତି। ବିଭିନ୍ନ ଥାନା ପକ୍ଷରୁ ବ୍ରାଉନସୁଗାର ଧରପଗଡ଼ ବେଳେ ଏହା ସ୍ପଷ୍ଟ ହୋଇ ସାରିଛି। ପଡୋଶୀ ଜିଲା ଖୋର୍ଦ୍ଧାରୁ ବ୍ରାଉନସୁଗାର ନୟାଗଡ଼କୁ ଆସୁଛି। ଅନ୍ୟପକ୍ଷେ ବ୍ରାଉନସୁଗାରରେ ଅଧିକ ରୋଜଗାରକୁ ଦେଖି ନୟାଗଡ଼ର ଅନେକ ବ୍ୟକ୍ତି, ଯୁବକ ଏହି କାରବାରକୁ ଆପଣେଇ ସାରିଲେଣି। କଲେଜ ଛାତ୍ରଙ୍କୁ ବ୍ୟବସାୟରେ ସାମିଲ କରିବା ଦ୍ୱାରା ବ୍ୟବସାୟ ବଢ଼ୁଛି। ଅବକାରୀ ଓ ପୋଲିସର ଧରପଗଡ ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଅନେକ ଶ୍ରମିକ ମଦ, ଗଞ୍ଜେଇକୁ ପଛରେ ପକାଇ ବ୍ରାଉନସୁଗାରକୁ ଆପଣେଇଛନ୍ତି।

ଏ ସମ୍ପର୍କରେ ନୟାଗଡ଼ର ଜଣେ କର୍ମଜୀବୀ ମହିଳା କୁହନ୍ତି, ମୋ ପୁଅ ଭଲ ପାଠ ପଢୁଥିଲା। ତା'ର ବ୍ୟବହାର ଭାରି ଭଲ ଥିଲା। କଲେଜରେ ଭଲ ନମ୍ବର ରଖୁଥିଲା। ହେଲେ ଧୀରେ ଧୀରେ ତାର ବ୍ୟବହାର ବଦଳିବାରେ ଲାଗିଲା। ସବୁବେଳେ ଅନ୍ୟମନସ୍କ ରହିଲା। ପାଠ ପଢ଼ା କମିଗଲା। ସବୁବେଳେ ଟଙ୍କା ମାଗିଲା। ପୁଅର କ'ଣ ହୋଇଛି ଜଣାପଡିଲା ନାହିଁ। ମୋର ଚିନ୍ତା ବଢ଼ି ଯାଇଥିବାବେଳେ ବ୍ରାଉନସୁଗାର ମୋ ପୁଅର ସର୍ବନାଶ କରିଥିବା ଜାଣିବାକୁ ପାଇଲି। ପରେ ଯଦିଓ ମୋ ପୁଅ ନିଶା ଛାଡ଼ିଛି ହେଲେ ସେ ପୂର୍ବସ୍ଥିତିକୁ ଫେରି ଆସିନାହିଁ। ବୁଝିବାରେ ଜାଣି ପାରିଲି ମୋ ପୁଅ ପଢୁଥିବା କଲେଜରେ ଅନେକ ଛାତ୍ର ନିଶା ଖାଉଛନ୍ତି। ଜିଲାର ଏକ କଲେଜର ଜଣେ ଛାତ୍ର କହିଛନ୍ତି, ଭୁଲରେ ନିଶା କବଳରେ ପଡିଗଲି। ମୋ କଲେଜରେ ଅନେକ ଛାତ୍ର ନିଶା ଖାଉଛନ୍ତି। ଏହା ଖାଇଲେ ସହଜରେ ଜାଣି ହେବ ନାହିଁ। ହେଲେ ଧୀରେ ଧୀରେ ଟଙ୍କା ପାଇଁ ମୋତେ ଚୋରି କରିବାକୁ ପଡିଲା। ପ୍ରଥମେ ଘରୁ ଓ ପରେ କିଛି ସାଙ୍ଗସାଥିଙ୍କଠାରୁ ଚୋରି କଲି। ହେଲେ ମୋ ଭଉଣୀ ମୋ ନିଶା ଖାଇବା ସମ୍ପର୍କରେ ଜାଣି ପାରି ମା'ବାପାଙ୍କୁ କହି ଚିକିତ୍ସା କରାଇ ନେଲା। ମୁଁ ଏବେ ସୁସ୍ଥ ହୋଇ ସାରିଛି। ହେଲେ ମୋ କଲେଜର ଅନେକ ଛାତ୍ର ଏହି ନିଶା ଖାଉଛନ୍ତି। କେତେଜଣ ଅବକାରୀ ବିଭାଗର କର୍ମଚାରୀ ଆମ କଲେଜର ପିଲାମାନଙ୍କୁ ବିପଥଗାମୀ କରାଉଛନ୍ତି। ପ୍ରଥମେ କିଛିଦିନ ମାଗଣାରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଦେଉଛନ୍ତି। ପରେ ସେମାନଙ୍କ ଦ୍ୱାରା ବ୍ୟବସାୟ କରାଉଛନ୍ତି। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀଙ୍କୁ ପଚାରିବାରେ ବ୍ରାଉନସୁଗାର ବ୍ୟବସାୟକୁ ଲଗାମ ଦେବାକୁ ବିଭାଗ ଗୁରୁତ୍ୱ ଦେଇଛି। ବିଭିନ୍ନ ସମୟରେ ବ୍ରାଉନସୁଗାର ଜବତ ହେଉଛି। ବ୍ରାଉନସୁଗାର କାରବାର ନେଇ ଆମକୁ ସୂଚନା ଦେଉଥିବା ଲୋକଙ୍କ ନାଁ ଗୋପନ ରଖାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହାଇକୋର୍ଟ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର, ୪।୩(ସୁବାସ ଚନ୍ଦ୍ର ପାଢ଼ୀ)

ଜାନୁଆରୀ ୨୪ ତାରିଖରେ ଜଣେ ଯୁବକଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ହତ୍ୟା ଉଦ୍ୟମ କରାଯାଇଥିଲା। ସଦର ଥାନାରେ ଏ ନେଇ ନଂ. ୫୭/୨୪ରେ ଏକ ମାମଲା ହୋଇଥିଲା। ଉକ୍ତ ମାମଲାର ଜଣେ ଅଭିଯୁକ୍ତ ଆନନ୍ଦ ଗୌଡ଼ ଓରଫ ଅନ୍ଧ ସୋମବାର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗଞ୍ଜାମ ଜିଲା ଦୌରାଜଜ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ମୁଦାଲାଙ୍କ ପକ୍ଷରୁ ତାଙ୍କ ଓକିଲ କିଶୋର ସାହୁ ଏ ସମ୍ପର୍କିତ ସମସ୍ତ କାଗଜପତ୍ର କୋର୍ଟରେ ଦାଖଲ କରିବା ସହ ଜାମିନ ଆବେଦନ କରିଥିଲେ। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି ତ୍ରିଲୋଚନ ପରିଡା ଓ ଏପିପି ରଜତ କୁମାର ଦାଶ ଉକ୍ତ ଜାମିନର ଦୃଢ଼ ବିରୋଧ କରିଥିଲେ। ଜିଲାଜଜ ଅନୁପସ୍ଥିତ ଥିବା ବେଳେ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଏହାର ଶୁଣାଣି କରି ଉକ୍ତ ଜାମିନ ଆବେଦନ ଖାରଜ କରିଦେଇଛନ୍ତି। ଗତ ଜାନୁଆରୀ ୨୪ ତାରିଖରେ ସଦର ଥାନା ନୂଆ ଅନନ୍ତେଇ ଗ୍ରାମର ସୁନୀଲ କୁମାର ନାୟକ ବାଇକରେ ବ୍ରହ୍ମପୁର ଆସୁଥିଲେ। ତାଙ୍କୁ ସୁକୁଣ୍ଡା ନିକଟରେ ୪ଜଣ ଅଟକାଇଥିଲେ। ସୁନୀଲଙ୍କୁ ସେମାନେ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ତାଙ୍କ ମୁଣ୍ଡକୁ ଖଣ୍ଡା ଚୋଟ ପକାଇଥିଲେ। ସୁନୀଲ ନିଜ ବାମ ହାତ ମୁଣ୍ଡ ପାଖରେ ରଖିଦେବାରୁ ତାଙ୍କ ପାପୁଲି କଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୂର୍ବଶତ୍ରୁତାରୁ ସୁନୀଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା ବୋଲି ପୋଲିସ କହିଥିଲା।

### ଏନ୍‌ଏସିରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ସୋରଡା,୪।୩ (ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ଏନ୍‌ଏସିରେ ରବିବାର ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ଅଧକ୍ଷ ଶିବଶଙ୍କର ପଣ୍ଡା, ଉପାଧକ୍ଷା ଭାଗ୍ୟଲତା ଡାକୁଆଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପ୍ରକଳ୍ପ ମଧ୍ୟରେ ହରିପୁର ଗୋଶାଳା, ଗୃହ ଭଗ୍ନାବଶେଷ ପ୍ରକ୍ରିୟାକରଣ କେନ୍ଦ୍ର, ଆଲୋକୀକରଣ ପ୍ରବେଶ ଦ୍ୱାର, ଦୈନିକ ମାର୍କେଟ ଶୌଚାଳୟ, ସାଧାରଣ ବଣ୍ଟନ ଗୃହ, ଡୁମସାହି ଶିଶୁ ଉଦ୍ୟାନ ଆଦି ରହିଛି। ମୁଖ୍ୟ ସଂଯୋଜକ ଯତୀନ୍ଦ୍ର ତ୍ରିପାଠୀ, ପ୍ରମୋଦ ଅଧିକାରୀ ସହଯୋଗ କରିଥିଲେ।

### ଦୁଇ ଦିନରେ ଗୋଟିଏ ପରିବାରର ୨ ଭାଇଙ୍କ ମୃତ୍ୟୁ

ଗଞ୍ଜାମ,୪।୩(ବିଦ୍ୟାଧର ସାହୁ)

ରମ୍ଭା ଥାନା ଅରୁଣପୁର ଗାଁରେ ୨ ଦିନରେ ଗୋଟିଏ ପରିବାରର ୨ଭାଇଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ୨ ଭାଇଙ୍କ ସମାନ ଢଙ୍ଗରେ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୃତକମାନେ ହେଲେ ସତ୍ୟ ନାରାୟଣ ପ୍ରଧାନ ଓ ତାଙ୍କ ସାନ ଭାଇ ରମେଶ ପ୍ରଧାନ। ରାଜସ୍ଥାନରେ କାର୍ଯ୍ୟରତ ସତ୍ୟ ସାନ ଭାଇ ଝିଅର ବିବାହ ଭୋଜିରେ ଯୋଗ ଦେବାକୁ ଗୁରୁବାର ଅରୁଣପୁର ଆସିଥିଲେ। ଶୁକ୍ରବାର ସାନ ଭାଇ ଝିଅର ନିର୍ବନ୍ଧରେ ଯୋଗଦେବାକୁ ହୁମ୍ମା ନିକଟସ୍ଥ କଳା ଯମୁନା ଗ୍ରାମକୁ ପରିବାର ଓ ବନ୍ଧୁ ବାନ୍ଧବଙ୍କ ସହ ଯାଇଥିଲେ। ସେଠୁ ଫେରିବା ପରେ ରାତିରେ ବାନ୍ତି ହୋଇଥିଲା। ପରିବାର ଲୋକେ ପ୍ରଥମେ ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର, ଛତ୍ରପୁର ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରଦିନ ମଝିଆ ଭାଇର ମୃତ୍ୟୁ ଖବର ଦେବାକୁ ସାନ ଭାଇ ରମେଶ ବାଇକ୍ ଯୋଗେ ବନ୍ଧୁ ଘରକୁ ଯାଇ ରାତିରେ ଫେରିଥିଲେ। କିନ୍ତୁ ମଝିଆ ଭାଇଙ୍କ ପର ରାତିରେ ସେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ପଶାପାଲି ନାଟକରେ କଳୁଷିତ ରାଜନୀତିର ବାର୍ତ୍ତା

ନୟାଗଡ଼,୪।୩ (ଲୋକନାଥ ମିଶ୍ର)

ନିର୍ଦ୍ଦିଷ୍ଟ ଶ୍ରେଣୀ ବା ଗୋଷ୍ଠୀ ଦ୍ୱାରା ଗଣତନ୍ତ୍ର ନିୟନ୍ତ୍ରିତ। ଯେଉଁମାନଙ୍କ ପାଖରେ ପ୍ରଚୁର ଧନ ଅଛି ସେମାନଙ୍କ କ୍ରୀଡ଼ନକ ଭାବେ ଗଣତନ୍ତ୍ର ନିୟନ୍ତ୍ରିତ ହେଉଛି। ପ୍ରତ୍ୟେକ ବ୍ୟକ୍ତିର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଧିକାର ଅଛି ବୋଲି ସମ୍ବିଧାନ ଦର୍ଶାଉଛି। ହେଲେ ଟଙ୍କା ନ ଥିଲେ ସାଧାରଣ ଲୋକଟିଏ ପ୍ରତିଦ୍ୱନ୍ଦ୍ୱିତା କରିପାରୁନି କି ନିର୍ବାଚନରେ ଜୟଯୁକ୍ତ ହୋଇପାରୁନି। ଏଭଳିଆ ବିଷୟ ବସ୍ତୁକୁ ନେଇ ଆଗକୁ ବଢିଥିଲା ନାଟକ। ନାଟକରେ କୋଟିପତି ସୁଜିତ ସାହାଣୀ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନରେ ଲଢନ୍ତି। ସୁଜିତଙ୍କ ବିରୋଧରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଘନଶ୍ୟାମ ମହାପାତ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ରାଜନୀତି ପଶାପାଲିରେ ନିଜର ସର୍ବସ୍ୱ ବିନିଯୋଗ ପରେ ବି ଶିକ୍ଷକ ହାରିଯାଆନ୍ତି। ଯାହାକି 'ପଶାପାଲି' ନାଟକରେ ଦେଖିବାକୁ ମିଳିଥିଲା। ଜିଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ନାଟକ


ପଶାପାଲିର ଏକ ଦୃଶ୍ୟରେ କଳାକାରମାନେ ଅଭିନୟ କରୁଛନ୍ତି।

## ରାଜ୍ୟସ୍ତରୀୟ ନାଟ୍ୟମେଳାର ୪ର୍ଥ ସନ୍ଧ୍ୟା

ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା ବୈପ୍ଳବିକ ଧର୍ମୀ ନାଟକ 'ପଶାପାଲି'। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ନୟାଗଡ଼ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକକୁ ନାଟ୍ୟକାର ପଞ୍ଚାନନ ଦାଶ ରଚନା କରିଥିବା ବେଳେ ନିର୍ଦ୍ଦେଶନା କରୁଣାକର ସାମଲ ଦେଇଥିଲେ। ସେହିପରି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିନୟ ଦାଶ ଏବଂ ବ୍ୟବସ୍ଥାପନାରେ ପ୍ରକାଶ ମହାରଣା ରହିଥିଲେ। ପଞ୍ଚଧ୍ୱନୀ ନାଟ୍ୟ ପରିଷଦ, ଭୁବନେଶ୍ୱର ପକ୍ଷରୁ ପରିବେଷିତ ଏହି ନାଟକରେ ଅତିଥି ଭାବେ ସିନେ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ମାଝି, ନାଟକର ନିର୍ଦ୍ଦେଶକ କରୁଣାକର ସାମଲ, ନାଟ୍ୟକାର ପଞ୍ଚାନନ ଦାଶ ପ୍ରମୁଖ ଯୋଗଦାନ କରିଥିବା ବେଳେ ନାଟ୍ୟଧାରା ପରିବାର ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ଗଠିତ

ନୟାଗଡ଼,୪।୩ (ଲୋକନାଥ ମିଶ୍ର)

ନୟାଗଡ଼ସ୍ଥିତ ମୈତୀ ସଂସଦ କାର୍ଯ୍ୟାଳୟରେ ଓଡ଼ିଶାର ପ୍ରଥମ ଗାନ୍ଧିବାଦୀ ନେତା ତଥା ମହାନ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ପ୍ରାବନ୍ଧିକ, ପୂର୍ବତନ ରାଜ୍ୟସଭା ସଦସ୍ୟ, ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ସ୍ମୃତି ଚାରଣ କରାଯାଇ ସ୍ମୃତି ପରିଷଦ ଗଠନ କରାଯାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ ପ୍ରସନ୍ନ କୁମାର ପଣ୍ଡା ବୈଠକର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ମୃତି ପରିଷଦର ସଭାପତି ଭାବେ ପ୍ରସନ୍ନ କୁମାର ପଣ୍ଡା, ଉପସଭାପତି ଭାବେ ପ୍ରବୀର କୁମାର ପୃଷ୍ଟି, ସମ୍ପାଦକ ଭାବେ ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଭାବେ କାମାକ୍ଷା ପ୍ରସାଦ ଜେନା, କୋଷାଧକ୍ଷ ଭାବେ ସୁକାନ୍ତୀ ମହାନ୍ତି, କାର୍ଯ୍ୟକାରୀ କମିଟିରେ ସଦସ୍ୟ ଭାବେ ପ୍ରଫୁଲ୍ଲ କୁମାର ନାୟକ ଓ ଶ୍ରୀଧର ସାହୁ ମନୋନୀତ ହୋଇଛନ୍ତି। ସାଧାରଣ ସଭା ୨୧ଜଣଙ୍କୁ ନେଇ ଗଠିତ ହୋଇଛି। ନୟାଗଡ଼ ଜିଲା ଦଶପଲ୍ଲାରେ ୧୮୮୮ ଡିସେମ୍ବର ୩୧ରେ ଜନ୍ମ ହୋଇଥିଲେ ବିପ୍ଳବୀ ଗୋବିନ୍ଦଚନ୍ଦ୍ର ମିଶ୍ର। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଡାକରାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ୬ ଥର ବ୍ରିଟିଶ୍ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ୧୯୧୮ରେ ଜଣେ ପ୍ରଥମ ଓଡ଼ିଆ ଅନ୍ତେବାସୀ ଭାବେ ମହାତ୍ମା ଗାନ୍ଧିଙ୍କ ସାବରମତୀ ଆଶ୍ରମରେ ସେ ଯୋଗ ଦେଇଥିଲେ। ଏହାପରଠାରୁ ଗାନ୍ଧିଙ୍କ ଜାତୀୟତା ଆନ୍ଦୋଳନରେ ନିଜର ପୂର୍ଣ୍ଣ ସମୟ ବିନିଯୋଗ କରି ସେ ଓଡ଼ିଶାରେ ଖଦି ଓ ଚରଖା ଆନ୍ଦୋଳନକୁ ବ୍ୟାପକ କରାଇଥିଲେ। କଟକରେ ଚମ୍ପାପୁରଠାରେ ତାଙ୍କ ଉଦ୍ୟମରେ ଗାନ୍ଧି ସେବାଶ୍ରମ ପ୍ରତିଷ୍ଠା ହୋଇଥିଲା। ମାତ୍ର ଓଡ଼ିଶାର ପ୍ରଥମ ଗାନ୍ଧିବାଦୀ ନେତା ତଥା ମହାନ ପ୍ରାବନ୍ଧିକ ଭାବେ ମିଶ୍ରଙ୍କର ଜାତୀୟସ୍ତରରେ ଅନେକ ସୁଖ୍ୟାତି ରହିଛି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶ୍ରଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ। ଏହି ଭଳିଆ ଜଣେ ବ୍ୟକ୍ତିତ୍ୱଙ୍କର ଜିଲା ଅଥବା ରାଜ୍ୟ ସ୍ତରରେ ପ୍ରତିମୂର୍ତ୍ତିଟିଏ ବି ନାହିଁ। ବିଳମ୍ବରେ ହେଲେ ବି ଏକ ସ୍ମୃତି ପରିଷଦ ଗଠନ କରାଯାଇଛି।

# ଜାତୀୟ ନିରାପତ୍ତା ଦିବସ, ଲାଇନ୍ ମ୍ୟାନ ଡେ ପାଳିତ



ନିରାପତ୍ତା ଦିବସ ପାଳନ ଅବସରରେ ଉପସ୍ଥିତ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ।

ଓଡ଼ଗାଁ,୪।୩(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଜାତୀୟ ନିରାପତ୍ତା ଦିବସ ଓ ଲାଇନ୍ ମ୍ୟାନ ଡେ ସୋମବାର ପାଳିତ ହୋଇଯାଇଛି। ସମସ୍ତ ବିଦ୍ୟୁତ୍ କର୍ମଚାରୀମାନେ କିପରି ସୁରକ୍ଷିତ ଭାବେ କାର୍ଯ୍ୟ କରିବେ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟୁତ ଖୁଣ୍ଟରେ ଚଢିବା ବେଳେ ବିଦ୍ୟୁତ୍ ବିଚ୍ଛିନ୍ନ କରିବା, ହାତରେ ଗ୍ଲୋବସ ପିନ୍ଧିବା, ହେଲମେଟ, ଜୋତା, ବେଲ୍ଟ ପିନ୍ଧି ଅତି ସତର୍କତା ସହ କାର୍ଯ୍ୟ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଯଦି କିଛି ଦୁର୍ଘଟଣା ଘଟେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସିତ କରିବାକୁ କହିଥିଲେ। ସୋମବାର ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟୁତ୍ କର୍ମଚାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଠିକ୍ ଦାୟିତ୍ୱ ତୁଲାଉଥିବା ବିଦ୍ୟୁତ୍ କର୍ମଚାରୀ (ଲାଇନ୍ ମ୍ୟାନ୍ -ଏ) ସରୋଜ ମହାପାତ୍ରଙ୍କୁ ଉପଢୌକନ ଓ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଡିଭିଜନରୁ ଟିପିକଲ୍ (ସିଏସଆର) କଳିଙ୍ଗ କେଶରୀ ଚାନ୍ଦ, ଓଡ଼ଗାଁ ସେକ୍ସନ ମ୍ୟାନେଜର ବିନୋଦ କୁମାର ମହାରଣା, ଯନ୍ତ୍ରୀ ସନୋଜ କୁମାର ଭୋଇ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଜଣାପଡ଼ିଛି।

# ଅପମିଶ୍ରିତ ଆଚାର କାରଖାନାରେ ଚଢ଼ାଉ

ବ୍ରହ୍ମପୁର, ୪।୩(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ପାଣିଗ୍ରାହୀପେଣ୍ଠ ଠାରେ ଥିବା ଏକ ଆଚାର ପ୍ରସ୍ତୁତି ୟୁନିଟରେ ସୋମବାର ରାତି ପ୍ରାୟ ୮ଟାରେ ବଡ଼ବଜାର ଥାନା ପୋଲିସ ଚଢ଼ାଉ କରିଛି । ବଡ଼ବଜାର ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଓ ତାଙ୍କ ଟିମ ସେଠାରୁ ବିପୁଳ ପରିମାଣର ନକଲି ଆଚାର ଜବତ କରିଛନ୍ତି। ଚଢ଼ାଉ ଜାରି ରହିଥିବାରୁ କେତେ ପରିମାଣର ଆଚାର ଓ କେଉଁ ବ୍ରାଣ୍ଡରେ ଆଚାର ପ୍ରସ୍ତୁତ କରାଯାଇଛି, ତାହା ସ୍ପଷ୍ଟ ହୋଇପାରିନାହିଁ ବୋଲି ପୋଲିସ କହିଛି। ପୂର୍ବରୁ ଗତ ବର୍ଷକ ତଳେ ବଡ଼ବଜାର ପୋଲିସ ନକଲି ମସଲାଗୁଣ୍ଡ, ହଳଦୀ ଗୁଣ୍ଡ, ଚା' ପତି, ଘିଅ, ଟମାଟୋ ସସ ଆଦି ଜବତ କରିଥିଲା। ଏଥିରେ ପୋଲିସ ବହୁ ଅସାଧୁ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


କାରଖାନାରେ ଯାଞ୍ଚ କରାଯାଉଛି।

# ବିଶ୍ୱଶାନ୍ତି ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୪।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳାସ୍ଥ ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଚତୁର୍ବିଂଶ ବାର୍ଷିକ ଗୀତା ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତାଯଜ୍ଞର ସ୍ଥାୟୀ ସଭାପତି ଗଙ୍ଗାଧର ଷଡଙ୍ଗୀ ଅଧକ୍ଷତା କରି ଆସନ୍ତା ଅଶୋକାଷ୍ଟମୀ ତିଥିରେ ଯଜ୍ଞର ଅଧିବାସ ଏବଂ ଶ୍ରୀରାମ ନବମୀରେ ଶ୍ରୀରାମଙ୍କର ପୂଜାସୋବ ସହ ଦଶମୀ ତିଥିରେ ଗୀତାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ଠାରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବା ପାଇଁ ସର୍ବ ସମ୍ମତିକ୍ରମରେ ଦିନ ସ୍ଥିରୀକୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଉଦ୍ୟନାଥ ମିଶ୍ର, କୋଷାଧକ୍ଷ ଦୁର୍ଗା ପ୍ରସାଦ ଦାଶ, ସମ୍ପାଦକ ନବ କିଶୋର ମିଶ୍ର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

# ଗଛ ନ କାଟି ରାସ୍ତା ପ୍ରଶସ୍ତୀକରଣ ହେଉ

- ଜିଲାପାଳଙ୍କୁ ଫେରାଦ୍ ହେଲେ ପରିବେଶବିତ୍
- ବୈଜ୍ଞାନିକ ପଦ୍ଧତିରେ ଗଛକୁ ସୁରକ୍ଷା ଦିଆଯାଉ

ନୟାଗଡ଼,୪।୩ (ଲୋକନାଥ ମିଶ୍ର)

ନୟାଗଡ଼ ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥର ନୟାଗଡ଼ କଲେଜ ରୋଡଠାରୁ ଭାୟା ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ଦେଇ ନୟାଗଡ଼ ପୁରୁଣା ସହରର ୫୭ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଭିଆଇପି ରୋଡର କାମ ଚାଲୁ ଅଛି। ଏଭଳିସ୍ଥଳେ ପିଟିଏସ୍ ରୋଡରୁ ଡିଆଁପଡ଼ା ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରୁ ଗଛ କଟା ଚାଲିଛି। ତେବେ ଗଛକଟାକୁ ପରିବେଶବିତମାନେ ବିରୋଧ କରି ଜିଲାପାଳ, ଡିଏଫ୍‌ଓ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଲା ପରିଷଦ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ, ପରିବେଶ ମନ୍ତ୍ରୀ ଓ ଗ୍ରୀନ ଟ୍ରିବ୍ୟୁନାଲ ପୂର୍ବାଞ୍ଚଳ ଶାଖାଙ୍କୁ ଫେରାଦ୍ ହୋଇଛନ୍ତି। ପରିବେଶବିତ୍‌ଙ୍କର ଯୁକ୍ତି ରାସ୍ତା ପ୍ରଶସ୍ତୀକରଣ କରାଯାଉ। ହେଲେ ଗଛ କଟା ନ ଯାଉ। ଯେଉଁଠାରେ ଗଛ ରାସ୍ତାକୁ ଅବରୋଧ କରୁଛି ସେଠାରେ ବୈଜ୍ଞାନିକ ପଦ୍ଧତିର ବ୍ୟବହାର କରାଯାଇ ଗଛକୁ ସୁରକ୍ଷା ଦିଆଯାଉ। ଗଛ ସୁରକ୍ଷିତ ହେଲା ପରେ ରାସ୍ତା ନିର୍ମାଣ ହେଉ। ତେବେ ବୈଜ୍ଞାନିକ ପଦ୍ଧତି ନ ଆପଣେଇ ଠିକାଦାର ରାସ୍ତାର ଦୁଇ ପାର୍ଶ୍ୱରୁ ଗଛ କଟା ଚାଲୁ ରଖିଛି। ଏ ନେଇ ପରିବେଶବିତ ଓ ସମାଜିକ କର୍ମୀ ସ୍ୱାମି ହରି ଶରଣ ମହାରାଜ, ସୁକାନ୍ତ ଚୌଧୁରୀ, ଦାମୋଦର ସାହୁ, ପ୍ରକାଶ କୁମାର ପ୍ରଧାନ, ଅନାଦି ଚରଣ ମହାପାତ୍ର କୁହନ୍ତି, ଆମର ଅନୁରୋଧକୁ ପ୍ରଶାସନ ନ ଶୁଣିଲେ ବାଧ ହୋଇ ଆନ୍ଦୋଳନ କରିବୁ ବୋଲି କହିଛନ୍ତି।



ପରିବେଶବିତ୍ ଓ ସାମାଜିକ କର୍ମୀ ଗଛ ନ କାଟିବା ଲାଗି କହୁଛନ୍ତି।

